
THERE IS NO RELIGION HIGHER THAN TRUTH

# ଭାରତ ସମାଜ ପୂଜା



ପୂଜା ସମୟରେ ଆଡାୟାରରେ ଥିବା
ଭାରତ ସମାଜ ମନ୍ଦିରର ଦୃଶ୍ୟ

ଅଗଷ୍ଟ, ୨୦୧୯

ମୂଲ୍ୟ : ତିରିଶ ଟଙ୍କା ମାତ୍ର

# ଦ୍ୱିତୀୟ ସଂସ୍କରଣ ବିଷୟରେ ପଦେ

ପ୍ରଥମ ଥର ପାଇଁ 'ଭାରତ ସମାଜ ପୂଜା ପୁସ୍ତକ' ଉତ୍କଳ ବ୍ରହ୍ମବିଦ୍ୟା ସଂଘ ପୂର୍ବତନ ସଭାପତି ଶ୍ରୀ ଚିନ୍ତାମଣୀ ମହାପାତ୍ର ୨୦୦୨ ମସିହାରେ ମୂଳ ପୁସ୍ତକରୁ ଓଡ଼ିଆ ଅନୁବାଦ କରି ପ୍ରକାଶ କରିଥିଲେ ।

ପୁରୀ ବ୍ରହ୍ମବିଦ୍ୟା ଶାଖା ତରଫରୁ ୨୦୧୯ ମସିହାରେ ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେଉଅଛି । ପୁସ୍ତକ ପ୍ରକାଶନ ପାଇଁ ଉତ୍କଳ ବ୍ରହ୍ମବିଦ୍ୟା ସଂଘ ଆର୍ଥିକ ସାହାଯ୍ୟ ଦେଇଥିବାରୁ ଅଶେଷ ଧନ୍ୟବାଦ ।

ସଂପାଦକ
ପୁରୀ ବ୍ରହ୍ମବିଦ୍ୟା ଶାଖା

## ବ୍ରହ୍ମବିଦ୍ୟା

ବ୍ରହ୍ମବିଦ୍ୟା ଅଥ ବ୍ରହ୍ମ ସମ୍ବନ୍ଧୀୟ ବିଦ୍ୟା। ଯେ ଅତ୍ୟନ୍ତ, ଅଦ୍ଭୁତ, ଅମୃତ – ଯେ ସ୍ୱୟଂସ୍ଥିତ – ସ୍ୱୟଂ ସମ୍ପୂର୍ଣ୍ଣ ସେହି ସତ୍ୟ ପରମ ହେଉଛନ୍ତି ବ୍ରହ୍ମ। ତାଙ୍କରି ଉପାସନାରେ ଆତ୍ମଶୁଦ୍ଧି ଓ ନିରାଜନାର ପଦ୍ଧତି ହେଉଛି 'ଭାରତ ସମାଜ ପୂଜା'।

## ବ୍ରହ୍ମବିଦ୍ୟା ସମିତିର ତିନୋଟି ଲକ୍ଷ୍ୟ

(୧) ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ମନୁଷ୍ୟ ଜାତିର ସାର୍ବଜନୀନ ଭ୍ରାତୃତ୍ୱର ମୂଳଦୁଆ ପକାଇବା।

(୨) ଦର୍ଶନ ଶାସ୍ତ୍ର, ବିଜ୍ଞାନ ଓ ବିଭିନ୍ନ ଧର୍ମ ଶାସ୍ତ୍ରମାନଙ୍କର ତୁଳନାତ୍ମକ ଅଧ୍ୟୟନକୁ ଉତ୍ସାହିତ କରିବା।

(୩) ପ୍ରକୃତିର ଅବ୍ୟାଖ୍ୟାତ ନିୟମ ସବୁର ଓ ମନୁଷ୍ୟର ଅନ୍ତର୍ନିହିତ ଶକ୍ତିର ଅନୁଧ୍ୟାନ ଓ ଅନୁଶୀଳନ କରିବା।

## ସଂଗଠନ

ଏହା ଏକ ଆନ୍ତର୍ଜାତିକ ଅନୁଷ୍ଠାନ। ଆନ୍ତର୍ଜାତିକ ପ୍ରଧାନ କାର୍ଯ୍ୟାଳୟ ଭାରତର ଚେନ୍ନାଇ ନଗରରେ ଆଡ୍ୟାରରେ ଅବସ୍ଥିତ।

## ଭାରତୀୟ ଶାଖାରେ

ବ୍ରହ୍ମବିଦ୍ୟା ସମିତିର ଭାରତୀୟ ଶାଖାର ପ୍ରଧାନ କାର୍ଯ୍ୟାଳୟ ବାରାଣସୀର କାମାଛାରେ ଅବସ୍ଥିତ। ପ୍ରତ୍ୟେକ ରାଜ୍ୟରେ ବହୁ ବ୍ରହ୍ମବିଦ୍ୟା ଲଜ୍ ସ୍ଥାପିତ ହୋଇଛି। ସାତ ବା ତତୋଧିକ ଲଜ୍‌କୁ ନେଇ ସଂଘ ଗଠିତ ହୁଏ।

## ଓଡ଼ିଶାରେ ସଂଗଠନ

ଓଡ଼ିଶାରେ ପ୍ରଥମେ ୧୯୧୬ ମସିହାର କଟକରେ ବ୍ରହ୍ମବିଦ୍ୟା ସିତି ଆରମ୍ଭ ହୋଇଥିଲା।

୧୯୬୫ ମସିହାଠାରୁ ଓଡ଼ିଶାରେ ଉତ୍କଳ ବ୍ରହ୍ମବିଦ୍ୟା ସଂଘ ସଂଗଠିତ ହୋଇଛି। ତାହାର କାର୍ଯ୍ୟାଳୟ – ୩୪୬, ବ୍ରହ୍ମବିଦ୍ୟା ଭବନ, ଗୌତମ ନଗର, ଭୁବନେଶ୍ୱର-୭୫୧୦୧୪।

# ଭାରତ ସମାଜ ପୂଜା

## ଭାରତ ସମାଜ ପ୍ରବର୍ତ୍ତିତ ସମବେତ ହିନ୍ଦୁ ପୂଜା ଭୂମିକା

**ପୂଜାର ଉଦ୍ଦେଶ୍ୟ :**

ସୃଷ୍ଟିକର୍ତ୍ତା ତପସ୍ୟା ଦ୍ୱାରା ଏହି ବିଶ୍ୱ ସୃଷ୍ଟି କରିଅଛନ୍ତି । ତେଣୁ ଏକାଗ୍ର ଚିନ୍ତାର ଶକ୍ତି ଅସୀମ । ଆମ୍ଭେମାନେ ଏକ ମନରେ, ଏକ ପ୍ରାଣରେ ଉପାସ୍ୟ ଦେବତାଙ୍କର ପୂଜା କରିଥାଉ । ତାହାର ଉଦ୍ଦେଶ୍ୟ ଆଶୀର୍ବାଦ ଲାଭ, ଶକ୍ତି ସଞ୍ଚୟ କରିବା ଓ ତାହା ଦ୍ୱାରା ନିଜର ଓ ଅନ୍ୟର ମଙ୍ଗଳ ସାଧନା କରିବା । ବ୍ୟକ୍ତିଗତ ପୂଜା ଦ୍ୱାରା ଯେଉଁ ଶକ୍ତି ଲାଭ ହୁଏ, ସମବେତ ପୂଜା ଦ୍ୱାରା ତାହା ବିଶେଷ ବର୍ଦ୍ଧିତ ହୁଏ । ଭଗବାନଙ୍କର ଅପାର କରୁଣା ସହସ୍ର ଧାରାରେ ସକଳ ଜୀବ ମଧ୍ୟରେ ବିତରଣ କରିବା, ଏହି ସମବେତ ପୂଜାର ଉଦ୍ଦେଶ୍ୟ ।

## ପୂଜାର ଉପକାରିତା

**ନିୟମ :**

ଏହି ପୂଜାରେ ସମସ୍ତେ ଯୋଗଦାନ କରିପାରିବେ । ପୂଜା ସମୟରେ ଉପଯୁକ୍ତ ମନୋଭାବ ସୃଷ୍ଟି ହେବା ପାଇଁ, ମନ୍ତ୍ରର ଅର୍ଥ ଜାଣିବା ଓ ସେଗୁଡ଼ିକ ଶୁଦ୍ଧ ଭାବରେ ଉଚ୍ଚାରଣ କରି ଶିଖିବା ବିଧେୟ । ଯେଉଁମାନେ ମନ୍ତ୍ର ଅଭ୍ୟାସ କରିନାହାନ୍ତି, ସେମାନେ ମନ୍ତ୍ର ଉଚ୍ଚାରଣ ନ କରି ଭକ୍ତି ଭାବରେ ଶୁଣିବେ । ଶୁଦ୍ଧପୂତ ହୋଇ ଶ୍ରଦ୍ଧା ପୂର୍ବକ ପୂଜା ନିମନ୍ତେ ଆସିବା ଉଚିତ । ଉପାସକମାନଙ୍କ ମଧ୍ୟରୁ ଜଣେ ପୂଜା ପରିଚାଳନା କରିବେ । ତାହାଙ୍କୁ ଅଧ୍ୱର୍ଯ୍ୟୁ କୁହାଯାଏ (ପୁରୋହିତ ବା ଯାଜକ) ଅଧ୍ୱର୍ଯ୍ୟୁ ଯେତେବେଳେ ମନ୍ତ୍ର ପାଠକରିବେ, ଅନ୍ୟମାନେ ତାହା ଶୁଣିବେ ଏବଂ ଯଥା ସମୟରେ କେତେଗୁଡ଼ିଏ ମନ୍ତ୍ର ଅଧ୍ୱର୍ଯ୍ୟୁଙ୍କ ସହିତ ଉଚ୍ଚାରଣ କରିବେ ।

ପୂଜାର କ୍ରମ – ସଂକ୍ଷେପରେ ପୂଜାର କ୍ରମ ନିମ୍ନରେ ଦିଆଗଲା ।

୧) ସଙ୍କଳ୍ପ (ହରିସ୍ମରଣ, ପାପ ବିମୋଚନ)

୨) ଦିଗବନ୍ଧ

୩) ଧୂପଦାନ

୪) ଦେବତା ଆବାହନ (ଏହି ପୂଜାରେ ତିନିଗୋଟି ଦେବତାଙ୍କୁ ଆବାହନ କରାଯାଏ । ଯଥା- ଅଗ୍ନି ଦେବତା, ଆପୋ ଦେବତା ଓ ତେଜୋ ଦେବତା- ଅଗ୍ନି, ଆପଃ ଓ ତେଜ)

୫) ଧ୍ୟାନ

୬) ନୈବେଦ୍ୟ

୭) ଦିଗବିମୋକ୍ଷ ଓ ଆଶୀର୍ବାଦ ।

**ବ୍ୟାଖ୍ୟା :**

ମନ୍ତ୍ରଗୁଡ଼ିକର ପ୍ରଚଳିତ ଅର୍ଥ କେବଳ ଦେବା ସମ୍ଭବ । ପୂଜକ ଅଧିକାର ଅନୁଯାୟୀ ନିଜର ଅର୍ଥ ନିଜେ କରିପାରନ୍ତି । ଗାୟତ୍ରୀ ମନ୍ତ୍ର ଏହାର ମୁଖ୍ୟ ଲକ୍ଷ୍ୟ । ଏହାର ଶକ୍ତି ଅସୀମ ଓ ଅମାପ । ଉଚ୍ଚାରଣ ସମୟରେ ପ୍ରାଣ ସଂଯୋଗ କରିବା ବିଧେୟ । ତାହା ହେଲେ ଦେହଗୁଡ଼ିକ ଶୁଦ୍ଧ ହେବ ଏବଂ ସୂର୍ଯ୍ୟମଣ୍ଡଳ ମଧ୍ୟବର୍ତ୍ତୀ ନାରାୟଣଙ୍କ ଶକ୍ତି ଜଗତରେ ପ୍ରବାହିତ ହେବ । ମନେ ରଖିବା ଉଚିତ ଯେ, ଆମ୍ଭମାନଙ୍କର ଆତ୍ମା ହିଁ ନୈବେଦ୍ୟ ବସ୍ତୁ ଏବଂ ସେହି ଆତ୍ମାକୁ ଆହୁତି ଦେବାକୁ ହେବ । ଅତଏବ ଏହି ଆତ୍ମାକୁ ପୂର୍ଣ୍ଣମାତ୍ରାରେ ଆହୁତି ଦେଲେ ଏହି ଶରୀର ଦେବଳୟଙ୍କରେ ପରିଣତ ହେବ ଶକ୍ତିର ବାହାକ (Vehicle of energy) ହେବ ।

## ଭାରତ ସମାଜ ପ୍ରବର୍ତ୍ତିତ ସମବେତ ହିନ୍ଦୁ ପୂଜା ସଙ୍କଳ୍ପ (ହରିସ୍ମରଣ)

୧. ଅଧ୍ୱର୍ଯ୍ୟୁ - ହରିଃ ଓଁ ।

ଅପବିତ୍ରଃ ପବିତ୍ରୋ ବା ସର୍ବାବସ୍ଥାଂ ଗତୋଽପିବା ।
ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସ ବାହ୍ୟାଭ୍ୟନ୍ତରଶ୍ଶୁଚିଃ ।୧।

ଅର୍ଥ- (ତ୍ରିମୂର୍ତ୍ତି ସ୍ୱରୂପ) ହରିଙ୍କୁ ସ୍ମରଣ କରୁଛି । ପବିତ୍ର, ଅପବିତ୍ର ବା ଯେ କୌଣସି ଅବସ୍ଥାରେ, କମଳ ଲୋଚନ ହରିଙ୍କୁ ସ୍ମରଣ କଲେ, ବାହ୍ୟ, ଅଭ୍ୟନ୍ତର, ଦେହ, ମନ ପବିତ୍ର ହୁଏ । ୧ ।

## ପାପ ମୋଚନ ମନ୍ତ୍ରଃ (ଆଚମନ)

(ଉପାସକମାନଙ୍କ ଦକ୍ଷିଣ ହସ୍ତରେ ଏକ ଗଣ୍ଡୁଷ ଜଳ ପ୍ରଦା । ଏହି ଜଳ ଗଣ୍ଡୁଷ ହସ୍ତରେ ଧାରଣ କରି ସମସ୍ତେ ନିମ୍ନଲିଖିତ ମନ୍ତ୍ର ପାଠ କରିବେ ।)

୨. ସମସ୍ତେ- ଓଁ ସୂର୍ଯ୍ୟଶ୍ଚ ମା ମନ୍ୟୁଶ୍ଚ ମନ୍ୟୁପତୟଶ୍ଚ ମନ୍ୟୁକୃତେଭ୍ୟଃ
ପାପେଭ୍ୟୋରକ୍ଷନ୍ତାମ୍ । ଯଦ୍ ରାତ୍ର୍ୟା ପାପମକାର୍ଷମ୍ ।
ମନସା,ବାଚା, ହସ୍ତ୍ୟାଭ୍ୟାମ୍ । ପଦ୍‌ଭ୍ୟାମୁଦରେଣ ଶିଶ୍ନା ।
ରାତ୍ରିସ୍ତଦବଲୁମ୍ପତୁ । ଯତ୍‌କିଞ୍ଚ ଦୁରିତଂମୟି । ଇଦ ମହଂ
ମାମମୃତ ଯୋନୌ । ସୂର୍ଯ୍ୟେ ଜ୍ୟୋତିଷି ଜୁହୋମି ସ୍ୱାହା ।

ଅର୍ଥ - ସୂର୍ଯ୍ୟଦେବ, ଶକ୍ତି ସମନ୍ୱିତ ଯଜ୍ଞ ମନ୍ତ୍ରର ଚିନ୍ତା ମୂର୍ତ୍ତିଗଣ, ମନୋମୟ ଜଗତର ଯଜ୍ଞାଧିପତି ଦେବଗଣ, ଆମ୍ଭମାନଙ୍କୁ ଚିନ୍ତାକୃତ ପାପରୁ ରକ୍ଷା କରନ୍ତୁ । ରାତ୍ରି କାଳର ମନ, ବାକ୍, ହସ୍ତ, ପଦ, ଉଦର ଓ ଲିଙ୍ଗ ଦ୍ୱାରା ମୁଁ ଯେଉଁ ପାପ କରିଅଛି, ରାତ୍ରିର ଅଧିପତି ଦେବତା ସେ ପାପଗୁଡ଼ିକ ନାଶ କରନ୍ତୁ । ମୋର ଯାହା କିଛି ପାପ (ଜ୍ଞାତ ବା ଅଜ୍ଞାତରେ) ହୋଇଛି, ସେଥି ସଙ୍ଗେ ମୁଁ ନିଜକୁ ଅମୃତର ଆଧାର ଜ୍ୟୋତିର୍ମୟ ସୂର୍ଯ୍ୟଙ୍କଠାରେ ସ୍ୱାହା ଏହି ମନ୍ତ୍ରରେ ଆହୁତି ଦେଲି । ୨ ।

(ଆଚମନ ପରେ ସମସ୍ତେ ମନେ କରିବେ ଯେ, ସେମାନଙ୍କର ସମସ୍ତ ପାପ ସୂର୍ଯ୍ୟଦେବତାଙ୍କ ଜ୍ୟୋତିରେ ଭସ୍ମୀଭୂତ ହୋଇ ଯାଇଅଛି ଏବଂ ସେମାନେ ସୂର୍ଯ୍ୟ ଦେବତାଙ୍କ ପରି ଜ୍ୟୋତି-ପ୍ଲାବିତ ହୋଇଅଛନ୍ତି ।

## ଭୂତାପସାରଣ ମନ୍ତ୍ରଃ

ଅ- (ଘଣ୍ଟି ବଜାଇ ଏହି ମନ୍ତ୍ର ଉଚ୍ଚାରଣ କରିବେ)

୩.୧ ଓଁ ଆଗମାର୍ଥଂ ତୁ ଦେବାନାଂ ଗମନାର୍ଥଂ ତୁ ରକ୍ଷସାମ୍
କୁର୍ବେ ଘଣ୍ଟାରବଂ ତତ୍ର ଦେବତାଃହ୍ୱାନ ଲାଞ୍ଛନମ୍ ।୩।

ଅର୍ଥ- ଦେବତାମାନଙ୍କ ଆଗମନ ଓ ରାକ୍ଷସଗଣଙ୍କର ଅପସାରଣ ନିମନ୍ତେ ମୁଁ ଦେବତାଙ୍କର ଆହ୍ୱାନ ନିମନ୍ତେ ଘଣ୍ଟି ବଜାଉଅଛି। (ଘଣ୍ଟି ବଜାଇବା ବନ୍ଦ କରି) ।୩।

୩.୨ ଅପସର୍ପନ୍ତୁ ତେ ଭୂତା ୟେ ଭୂତା ଭୂମି ସଂସ୍ଥିତାଃ

ୟେ ଭୂତା ବିଘ୍ନ କର୍ତ୍ତାର ସ୍ତେ ଗଚ୍ଛନ୍ତୁ ଶିବାଜ୍ଞୟା ॥

୩.୩ ଅପକ୍ରାମନ୍ତୁ ଭୂତାନି ପିଶାଚାଃ ସର୍ବତୋ ଦିଶମ୍

ସର୍ବେଷାମବିରୋଧେନ ବ୍ରହ୍ମକର୍ମ ସମାରଭେ ।୪।

ଅର୍ଥ- ଭୂମିସ୍ଥିତ ଏବଂ ବିଘ୍ନକାରୀ ଭୂତଗଣ ଶିବଙ୍କ ଆଜ୍ଞା ଅନୁସାରେ ପଳାୟନ କରନ୍ତୁ। ଭୂତଯୋନିଗଣ ଓ ପିଶାଚଗଣ ଚାରିଆଡ଼େ ପଳାଇ ଯାଆନ୍ତୁ। କୌଣସି ବିରୋଧ ନ ଥାଇ ମୁଁ ବ୍ରହ୍ମକର୍ମ ଆରମ୍ଭ କରୁଛି ।୪।

## ଦିଗ୍‌ବନ୍ଧଃ

୪.୪.ଅ- ଓଁ ଭୂ ର୍ଭୁବସ୍ୱଃ (ଇତି ଦିଗ୍‌ବନ୍ଧଃ) ।୫।

ଅର୍ଥ- ଭୂଲୋକ, ଭୂବଲୋକ, ସ୍ୱର୍ଗଲୋକ ବ୍ରହ୍ମମୟ ବ୍ରହ୍ମଙ୍କର ଅଂଶ ମାତ୍ର ।

(ଏହି ତ୍ରିଲୋକର ସୂକ୍ଷ୍ମ ଉପାଦାନ ଦ୍ୱାରା ଚାରିଆଡ଼େ ଦୁର୍ଭେଦ୍ୟ ପ୍ରାଚୀରରଚନା କରାଗଲା ବୋଲି ମନରେ ଧାରଣା କରିବେ ।୫।

## ଧୂପ

୫.୧ (ଅଗ୍ନିରେ ଧୂପ ଦେଉ ଦେଉ କହିବେ)
ଓଁ ୟେନ ଦେବାଃ ପବିତ୍ରେଣ ॥ ଆତ୍ମାନଂ ପୁନତେ ସଦା ।
ତେନ ସହସ୍ର ଧାରେଣ ॥ ପାବମାନ୍ୟଃପୁନନ୍ତୁ ମା ॥
(ପବିତ୍ରକାରୀ ଅଗ୍ନି ମନ୍ତ୍ର)

ଅର୍ଥ- ଯେଉଁ ପବିତ୍ର ଋକ୍ ମନ୍ତ୍ର ଦ୍ୱାରା ଦେବଗଣ ମାନବ ଆତ୍ମାକୁ ପବିତ୍ର ରଖନ୍ତି, ସେହି ମନ୍ତ୍ରଶକ୍ତି ସହସ୍ର ଧାରାରେ ପ୍ରବାହିତ ହୋଇ ମୋତେ ପବିତ୍ର କରୁ ॥୬॥

୫.୨ ପ୍ରାଜାପତ୍ୟଂ ପ୍ରବିତ୍ରମ୍ ॥ ଶତୋଦ୍ୟାମଂ ହିରଣ୍ମୟମ୍
ତେନ ବ୍ରହ୍ମବିଦୋ ବୟମ୍ ॥ ପୂତଂ ବ୍ରହ୍ମ ପୁନୀମହେ ॥

ଅର୍ଥ- ପ୍ରଜାପତିଙ୍କର ଯେଉଁ ହିରଣ୍ମୟ ପବିତ୍ରତା ଶତଧାରେ ଉଷିତ ହୋଇ ଜୀବକୁ ପବିତ୍ର କରେ ସେହି ପବିତ୍ରତାର ବ୍ରହ୍ମରେ ଧ୍ୟାନସ୍ଥ ହୋଇ ଏହି ପବିତ୍ର ଯଜ୍ଞକୁ ଆମ୍ଭେମାନେ ଆହୁରି ପବିତ୍ର କରିବୁ ॥୭॥

୫.୩ ଇନ୍ଦ୍ରଃ ସୁନୀତୀ ସହ ମା ପୁନାତୁ ।
ସୋମଃ ସ୍ୱସ୍ତ୍ୟା ବରୁଣଃ ସମୀଚ୍ୟା
ଯମୋ ରାଜା ପ୍ରମୃଣାଭିଃ ପୁନାତୁ ମା
ଜାତ ବେଦା ମୋର୍ଜୟନ୍ତ୍ୟା ପୁନାତୁ ॥

ଅର୍ଥ- ଇନ୍ଦ୍ରଦେବ ନେତା ରୂପେ ସୁନୀତୀ ଦ୍ୱାରା ଆମ୍ଭମାନଙ୍କୁ ପବିତ୍ର କରନ୍ତୁ। ସୋମଦେବ ଅନ୍ତଃକଲ୍ୟାଣ ଦାନ କରି, ବରୁଣଦେବ ନ୍ୟାୟ ପଥ ପ୍ରଦର୍ଶନ କରାଇ, ଯମରାଜା ସଂଯମନୀ ଓ ସଂହାରିଣୀ ଶକ୍ତି ଦ୍ୱାରା ଏବଂ ସର୍ବଜ୍ଞ ଅଗ୍ନିଦେବ ତାଙ୍କର ସଞ୍ଜୀବନୀ ଶକ୍ତି ଓ ଊର୍ଦ୍ଧ୍ୱଗତି ଦ୍ୱାରା ଆମ୍ଭମାନଙ୍କୁ ପବିତ୍ର କରନ୍ତୁ ॥୮॥

(ଅଧ୍ୱର୍ଯ୍ୟୁ ଧୂପ ହସ୍ତରେ ମନ୍ଦିର ଦ୍ୱାରରେ ଦଣ୍ଡାୟମାନ ହେଲେ ସମସ୍ତେ ସମସ୍ୱରରେ କହିବେ।)

ସମସ୍ତେ-

୬. ଓଁ ଭୂଃ ॥ ଓଁ ଭୂବଃ ॥ ଓଁ ସୁବଃ ॥ ଓଁ ମହଃ ॥ ଓଁ ଜନଃ ॥ ଓଁ ତପଃ । ଓଁ ସତ୍ୟମ୍ ॥

ଓଁ ତତ୍ ସବିତୁର୍ବରେଣ୍ୟ ଭର୍ଗୋ ଦେବସ୍ୟ ଧୀମହି। ଧିୟୋ ୟୋ ନଃ ପ୍ରଚୋଦୟାତ୍। ଓଁ ଆପୋ ଜ୍ୟୋତି ରସୋଽମୃତଂ ବ୍ରହ୍ମ ଭୂ ର୍ଭୁବସ୍ସୁ ବର୍ ଓମ୍ ।

ଅର୍ଥ- ଆମ୍ଭେମାନେ ଭୂ, ଭୂବ, ସ୍ୱର୍ଗ, ମହ, ଜନ, ତପ ଓ ସତ୍ୟ ଏହି ସପ୍ତ ଲୋକ ଓଁକାର ବର୍ଣ୍ଣିତ ତ୍ରିମୂର୍ତ୍ତିର ମଧ୍ୟରେ ଧ୍ୟାନ କରୁଛୁ। ଆମ୍ଭେମାନେ ସବିତୃ ଦେବଙ୍କର ବରଣୀୟ ପରମ ଜ୍ୟୋତି

ଧ୍ୟାନ କରୁଛୁ। ସେ ଆମ୍ଭମାନଙ୍କ ମଧ୍ୟରେ ବ୍ରହ୍ମ ଉପଲବ୍ଧିର ଧୀଶକ୍ତି ଜାଗ୍ରତ କରନ୍ତୁ।

ଅମୃତମୟ ବ୍ରହ୍ମଙ୍କ ଚେତନାଗ୍ରାହ୍ୟ ଜ୍ଞାନ ହେଉଛି ଅପ୍, ସେହି ଜ୍ଞାନ ହେଉଛି ଜ୍ୟୋତି। ସେହି ଜ୍ଞାନର ରସ ଆସ୍ୱାଦନ ହେଉଛି ଅମୃତ ବ୍ରହ୍ମ।... ଭୂ, ଭୂବ, ସ୍ୱ ଏହି ତ୍ରିସ୍ତର ଚେତନାର ବିଷୟ ଆହରଣ କରୁଛୁ ॥୯॥

## ଦେବେଭ୍ୟ ଆହ୍ୱାନମ୍
## (ଅଗ୍ନି ଦେବତାଃ)

୭.ଅ ଓଁ ଭୁ ର୍ଭୁବଃ ସୁବଃ (ଇତି ଅଗ୍ନି ପ୍ରତିଷ୍ଠାପନମ୍)।
(ଏହି ମନ୍ତ୍ରରେ ଅଧ୍ୱର୍ଯ୍ୟୁ ଅଗ୍ନି ସ୍ଥାପନ କରିବେ)।

୮.୧- ଓଁ ଚତ୍ୱାରି ଶୃଙ୍ଗା ତ୍ରୟୋ ଅସ୍ୟ ପାଦା
ଦ୍ୱେ ଶୀର୍ଷେ ସପ୍ତ ହସ୍ତା ସୋ ଅସ୍ୟ
ତ୍ରିଧା ବଦ୍ଧୋ ବୃଷଭୋ ରୋରବୀତି
ମହୋଦେବୋ ମର୍ତ୍ୟାଂ ଆବିବେଶ ॥୧୦॥

ଭୂ ଭୂବ ସୁବ (ଇତି ଅଗ୍ନି ପ୍ରତିଷ୍ଠା) (ଅଗ୍ନି ଦେବଙ୍କୁ ଯଜ୍ଞର ଉଦ୍ଦେଶ୍ୟରେ ଭାବନା କରାଯାଇଛି) ତାଙ୍କର ଚାରି ଶୃଙ୍ଗ, ତିନି ପାଦ, ଦୁଇ ମସ୍ତକ ଓ ସପ୍ତ ହସ୍ତ। ବୃଷଭଟି ତିନିଭାବେ ବନ୍ଧା ହୋଇ ପୁନଃ ପୁନଃ ଗର୍ଜନ କରେ। ମହାନ୍ ଦେବ ସର୍ବ ମର୍ତ୍ତ୍ୟବାସୀଙ୍କର ଅନ୍ତ ପ୍ରବିଷ୍ଟ ହୋଇଛନ୍ତି।

(ଅଗ୍ନିକୁ ରୁଦ୍ର ରୂପରେ କଳ୍ପନା କରାଯାଇଅଛି। ଯଜ୍ଞରୂପୀ ଅଗ୍ନିଙ୍କର ଚାରି ଶୃଙ୍ଗ, ଚାରି ବେଦ, ତିନି ପଦ ତିନି ଯଜ୍ଞ; ଯଥା- ପ୍ରାତଃକାଳୀନ, ମଧ୍ୟାହ୍ନକାଳୀନ, ଦୁଇ ମସ୍ତକ, ଦୁଇଟି ଅନୁଷ୍ଠାନ (ଅପବର୍ଗ ଓ ପ୍ରବର୍ଗ; ପ୍ରବୃତ୍ତି ଓ ନିବୃତ୍ତି) ସାତ ହସ୍ତ, ସାତଟି ଛନ୍ଦ ଏବଂ ସେ ମନ୍ତ୍ର, କଳ୍ପ ଓ ବ୍ରାହ୍ମଣ- ବେଦର ଏହି ତିନି ଅଂଶଦ୍ୱାରା ବଦ୍ଧ ଅଟନ୍ତି। ସୂର୍ଯ୍ୟରୂପୀ ଅଗ୍ନିର ଚାରି ଶୃଙ୍ଗ, ଚାରି ଦିଗ; ପ୍ରାତଃ ମଧ୍ୟାହ୍ନ ଓ ସାୟାହ୍ନ ଏହି ତିନିପାଦ, ରାତ୍ରି ଓ

ଦିବା ଏହି ଦୁଇ ମସ୍ତକ ସପ୍ତରଶ୍ମି ସାତଟି ହସ୍ତ– ପୃଥିବୀ, ଅନ୍ତରୀକ୍ଷ ଓ ସ୍ୱର୍ଗ ଏହି ତିନି ଲୋକରେ ବଦ୍ଧ ॥୧୦॥

୮.୨ ଏ॒ଷ ହି ଦେ॒ବଃ ପ୍ର॒ ଦିଶୋ॑ଽନୁ॒ ସର୍ବା॒ଃ
ପୂର୍ବୋ॑ହି ଜା॒ତଃ ସଉ॒ ଗର୍ଭେ॑ ଅ॒ନ୍ତଃ
ସ ବି॒ଜାୟ॑ମାନଃ ସ କନି॒ଷ୍ୟମାଣଃ
ପ୍ର॒ତ୍ୟଙ୍ ମୁଖା॑ସ୍ତିଷ୍ଠତି ସ॒ର୍ବତୋ॑ ମୁଖଃ ॥

(ବିଶ୍ୱତୋ ମୁଖଃ ପାଠାନ୍ତର ଅଛି)

ଅର୍ଥ ଏହି ଦେବ ସର୍ବ ଦିଗରେ ଅନୁପବିଷ୍ଟ । ସେ ପୂର୍ବରେ ଜନ୍ମିଥିଲେ କିନ୍ତୁ ଗର୍ଭରେ ଲୀନ, (ଜାତ ବେଦ ଅଗ୍ନି) କାରଣ ସେ ଜଳରୁ ପ୍ରଥମେ ଉଦ୍‌ଭୂତ । ତାଙ୍କର ଶକ୍ତି ହେତୁ ଜଳର ସ୍ପନ୍ଦନ ଏବଂ ସ୍ପନ୍ଦନରୁ ସମସ୍ତ ସୃଷ୍ଟି । ଏହି ହେତୁ ସେ ସର୍ବତ୍ର ଅନୁପ୍ରବିଷ୍ଟ । ସେ ଜନ୍ମଗ୍ରହଣ କରିଛନ୍ତି ଓ କରିବେ । ଅନ୍ତର୍ମୁଖ ହୋଇ ମଧ୍ୟ ସେ ସର୍ବ ମୁଖରେ ଅବସ୍ଥାନ କରିଅଛନ୍ତି । (ଏଠାରେ ଅଗ୍ନି ଦେବଙ୍କର ବ୍ୟାପକତ୍ୱ ବର୍ଣ୍ଣିତ ହୋଇଅଛି) ॥୧୧॥

## ଆହୁତି

ନିମ୍ନଲିଖିତ ତିନିଗୋଟି ମନ୍ତ୍ରର ପ୍ରତ୍ୟେକଟି ମନ୍ତ୍ର ପାଠ ପରେ ଅଧ୍ୱର୍ଯ୍ୟୁ ଗୋଟିଏ ଗୋଟିଏ ସମିଧ ଅଗ୍ନିରେ ଆହୁତି ଦେବେ ଓ ସମସ୍ତେ ସେହି ମନ୍ତ୍ରଗୁଡ଼ିକ ଉଚ୍ଚାରଣ କରିବେ ।

ସମସ୍ତେ

୯ ଓଁ ଅ॒ଗ୍ନୟେ॒ ସ୍ୱାହା॑ । ଅଗ୍ନୟ ଇଦଂ ନ ମମ॑ ।
ଓଁ ସୂ॒ର୍ଯ୍ୟା॒ୟ ସ୍ୱାହା॑ । ସୂ॒ର୍ଯ୍ୟାୟେଦଂ ନ ମମ॑ ।
ଓଁ ପ୍ର॒ଜାପ॑ତୟେ ସ୍ୱାହା॑ । ପ୍ରଜାପତୟ ଇଦଂ ନ ମମ॑ ।

ଅର୍ଥ ଅଗ୍ନିଙ୍କୁ ସ୍ୱାହା ମନ୍ତ୍ରରେ (ସମିଧ) ଆହୁତି ଦେଲି । ଏହା ଅଗ୍ନିଙ୍କର, ମୋର ନୁହେଁ । ସୂର୍ଯ୍ୟଙ୍କୁ ସ୍ୱାହା ମନ୍ତ୍ରରେ (ସମିଧ) ଆହୁତି ଦେଲି । ଏହା ସୂର୍ଯ୍ୟଙ୍କର, ମୋର ନୁହେଁ । ପ୍ରଜାପତିଙ୍କୁ ସ୍ୱାହା ମନ୍ତ୍ରରେ (ସମିଧ) ଆହୁତି ଦେଲି । ଏହା ପ୍ରଜାପତିଙ୍କର, ମୋର ନୁହେଁ ॥୧୨॥

ସମସ୍ତେ

୧୦. ଓଁ ଅଗ୍ନେନୟ ସୁପଥା ରାୟେ ଅସ୍ମାନ୍
ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍
ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ
ଭୂୟିଷ୍ଠାଂତେ ନମ ଉକ୍ତିଂ ବିଧେମ ॥

ଅର୍ଥ ହେ ଅଗ୍ନି ଦେବ। ସତ୍‌ପଥ ଦ୍ୱାରା ଆମ୍ଭମାନଙ୍କୁ ସତ୍‌ପଥ ଆଡକୁ ପରିଚାଳିତ କରନ୍ତୁ। ହେ ଦେବ ଆପଣ ସର୍ବଦେବ ତତ୍ତ୍ୱଜ୍ଞ। ଯେଉଁ ପାପ ଆମ୍ଭମାନଙ୍କୁ କୁପଥଗାମୀ କରାଏ ତାହା ସହିତ ଯୁଦ୍ଧ କରି ତାକୁ ନାଶ କରନ୍ତୁ। ଅଶେଷ ସ୍ତବ ସ୍ତୁତି ଦ୍ୱାରା ଆମ୍ଭେମାନେ ଆପଣଙ୍କୁ ନମସ୍କାର କରୁଅଛୁ ॥୧୩॥

ସମସ୍ତେ

୧୧.୧ ମିତ୍ରସ୍ୟ ଚର୍ଷଣୀ ଧୃତଃ ଶ୍ରବୋ ଦେବସ୍ୟ ସାନସିମ୍ ॥
ସତ୍ୟଂ ଚିତ୍ର ଶ୍ରବସ୍ତମମ୍ ।

ଅର୍ଥ– ହେ ମିତ୍ର ଦେବ ସମସ୍ତ ଜୀବର ପାଳକ ଓ ପୋଷକ ଆପଣଙ୍କର ବହୁ ଫଳପ୍ରଦ ସତ୍ୟ ଓ ବିଚିତ୍ର କୀର୍ତ୍ତି। ଆପଣଙ୍କୁ ମୁଁ ନମସ୍କାର କରୁଅଛି ॥୧୪॥

୧୧.୨ ମିତ୍ରୋଜନାନ୍ ଯାତୟତି ପ୍ରଜାନନ୍
ମିତ୍ରୋ ଦାଧାର ପୃଥିବୀମୁତ ଦ୍ୟାମ୍ ।
ମିତ୍ରଃକୃଷ୍ଟୀରନିମିଷାଽଭୀଚଷ୍ଟେ
ସତ୍ୟାୟ ହବ୍ୟଂ ଘୃତ ବଦ୍ ବିଧେମ ॥

ଅର୍ଥ ମିତ୍ର ଦେବ ସବୁ ଜାଣି ମନୁଷ୍ୟମାନଙ୍କୁ ପରିଚାଳିତ କରନ୍ତି, ମିତ୍ର ପୃଥିବୀ ଓ ସ୍ୱର୍ଗ ଧାରଣ କରିଅଛନ୍ତି। ମିତ୍ର ଦେବ ସଦା ସର୍ବଦା ଅନିମେଷ ନୟନରେ ମନୁଷ୍ୟ ଉପରେ ଦୃଷ୍ଟି ରଖିଅଛନ୍ତି। ଆମ୍ଭେମାନେ (ସେହି) ସତ୍ୟ ପୁରୁଷଙ୍କୁ ଏହି ଘୃତାହୁତି ପ୍ରଦାନ କରୁଛୁ ॥୧୫॥

୧ ୧ .୩ ପ୍ରସମିତ୍ର ମର୍ତ୍ତୋଅସ୍ତୁ ପ୍ରୟସ୍ୱାନ୍
ଯସ୍ତ୍ର ଆଦିତ୍ୟ ଶିକ୍ଷତି ବ୍ରତେନ
ନ ହ୍ୟନ୍ୟତ୍ରେ ନ ଜୀୟତ୍ରେ ତ୍ୱୋତୋ ନୈନ
ମଂହୋ ଅଶ୍ନୋତ୍ୟନ୍ତିତ୍ରୋ ନ ଦୂରାତ୍ ॥୧୬॥

ଅର୍ଥ ହେ ମିତ୍ର ! ସେହି ମନୁଷ୍ୟମାନେ, ଯେ ଆପଣଙ୍କର ନିୟମାନୁବର୍ତ୍ତୀ ଅଟନ୍ତି ସେମାନେ ପ୍ରାଚୁର୍ଯ୍ୟବାନ୍ ହୁଅନ୍ତୁ। ଆପଣ ହତ ହୁଅନ୍ତି ନାହିଁ ବା ବିଜିତ ମଧ୍ୟ ହୁଅନ୍ତି ନାହିଁ। ଆପଣଙ୍କ ନିକଟ ହେଲେ କିମ୍ବା ଦୂର ହେଲେ ପାପ ସ୍ପର୍ଶ କରେ ନାହିଁ।

ଉପର ଲିଖିତ ମନ୍ତ୍ରଗୁଡିକ ପାଠ କରିବା ସମୟରେ ସମସ୍ତେ ଚିନ୍ତା କରିବେ, ଯେପରି ଅଗ୍ନି ଜୀବଗଣଙ୍କୁ ସ୍ୱର୍ଗ ଆଡକୁ ନେଇ ଯାଉଅଛନ୍ତି ଏବଂ ମିତ୍ର ବା ସୂର୍ଯ୍ୟ ନାରାୟଣ ରୂପରେ ପୃଥିବୀର ପୋଷଣ ଓ ଜୀବର ରକ୍ଷଣ କରୁଅଛନ୍ତି ॥୧୬॥

(ଏହାପରେ ଉପାସକମାନେ ଦକ୍ଷିଣ ଅନାମିକାରେ ହୋମ ଭସ୍ମ ନେଇ ନିମ୍ନଲିଖିତ ମନ୍ତ୍ର ଉଚ୍ଚାରଣ କରି ଶରୀରର ନିମ୍ନଲିଖିତ ଶକ୍ତିକେନ୍ଦ୍ର ସ୍ପର୍ଶ କରିବେ ଏବଂ ଧାରଣା କରିବେ ଯେ, ଅଗ୍ନି ଦେବତାଙ୍କ ଶକ୍ତି ତାଙ୍କର ଦେହ ମଧ୍ୟସ୍ଥ ଶକ୍ତି କେନ୍ଦ୍ରଗୁଡିକୁ ଉଦ୍‌ଜୀବିତ କରୁଅଛି।

୧ ୨. ସମସ୍ତେ

ଓଁ ଭୁଃ (ଇତି ଶିରସି) ଓଁ ଭୁବଃ (ଇତି ଲଲାଟେ)
ଓଁ ସୁବଃ (ଇତି କଣ୍ଠେ) ଓଁ ମହଃ (ଇତି ନାଭୌ)
ଓଁ ଜନଃ (ଇତି ହୃଦୟେ) ଓଁ ତପଃ (ଇତି ବାମ ସ୍କନ୍ଧେ)
ଓଁ ସ୍ତ୍ୟମ୍ (ଇତି ଦକ୍ଷିଣ ସ୍କନ୍ଧେ)
ଓଁ ତତ୍ ସବିତୁର୍ବରେଣ୍ୟମ୍ ଭର୍ଗୋ ଦେବସ୍ୟ ଧୀମହି
ଧୀୟୋ ୟୋନଃ ପ୍ରଚୋଦୟାତ୍ ।
ଓଁ ଆପ୍ରୋ ଜ୍ୟୋତି ରସ୍ରୋଽମୃତଂ ବ୍ରହ୍ମ
ଭୁର୍ଭୁବ୍ରସ୍ସୁବରୋମ୍ (ଇତି ପୁନଃ ଶିରସି) ॥

ଅର୍ଥ- ଦକ୍ଷିଣ ହସ୍ତର ଅନାମିକା ଅଙ୍ଗୁଳିରେ ଭସ୍ମ ନେଇ, ପ୍ରଥମେ ମସ୍ତକ ଉପରେ ଓ ପରେ ଲଲାଟ, କଣ୍ଠ, ନାଭି, ହୃଦୟ, ବାମସ୍କନ୍ଧ, ଦକ୍ଷିଣସ୍କନ୍ଧ ଏବଂ ଗାୟତ୍ରୀର ଅବଶିଷ୍ଟ ଅଂଶ ପାଠ ସମୟରେ ସମସ୍ତେ ଶିରରେ ଭସ୍ମ ରଖିବେ(ଲଗେଇବେ)॥୧୭॥

## ଆପୋ ଦେବତାଃ

(ନିମ୍ନଲିଖିତ ମନ୍ତ୍ର ପାଠ କରି ଅର୍ଧ୍ୟର୍ଯ୍ୟୁ ପାତ୍ରରେ ଜଳ ଢ଼ାଳିବେ)

୧୩.ଅ- ଓଁ ଦଧିକ୍ରାବ୍ଣୋ ଅକାରିଷଂ ଜିଷ୍ଣୋରଶ୍ୱସ୍ୟ ବାଜିନଃ ।
ଓଁ ସୁରଭି ନୋ ମୁଖା କରତ୍ ପ୍ର ଣ ଆୟୁଂଷି ତାରିଷତ୍ ॥

ଅର୍ଥ- ମୁଁ ସର୍ବଜୟା ସର୍ବଜନ ପ୍ରଶଂସିତ ଅଶ୍ୱ 'ଦଧିକ୍ରାବଣ'ଙ୍କର ସ୍ତୁତିଗାନ କରୁଅଛି । ସେ ଆମ୍ଭମାନଙ୍କୁ ମିଷ୍ଟଭାଷୀ କରନ୍ତୁ । ଆମ୍ଭମାନଙ୍କ ଆୟୁ ବୃଦ୍ଧି କରନ୍ତୁ ॥୧୮॥

(କଥିତ ଅଛି ବରୁଣ ଦେବଦଧିତ୍ରାବଣ ନାମକ ଗୋଟିଏ ଅଶ୍ୱ ପୂର୍ବ ଦିଗକୁ ଦାନ କରିଥିଲେ । ଏହି ଅଶ୍ୱ ସୂର୍ଯ୍ୟଦେବଙ୍କର ଏବଂ ଜ୍ଞାନ ଓ ଅମରତ୍ୱର ପ୍ରତୀକ) ଏପରି ମଧ୍ୟ ପ୍ରସିଦ୍ଧ ଅଛି ଯେ ସୂର୍ଯ୍ୟଦେବ ଜଳରୁ ଉତ୍ପନ୍ନ ହୋଇଥିଲେ ।

(ସମସ୍ତେ ଚିନ୍ତା କରିବେ କି ଯେପରି ବରୁଣ ଦେବଙ୍କ କୃପାରୁ ଆମ୍ଭେମାନେ ଜ୍ଞାନ ଓ ଅମରତ୍ୱ ଲାଭ କରିବୁ । ଏତଦ୍ୱାରା ଏ ଜଳ ପବିତ୍ର ହେବ ।)

(ଅର୍ଧ୍ୟର୍ଯ୍ୟୁ ପବିତ୍ର ପାତ୍ରରେ ଥିବା ଜଳ ଉପରେ ହସ୍ତ ରଖିବେ ଏବଂ କହିବେ)

୧୪.୧ ସମସ୍ତେ

ଓଁ ଆପୋ ହିଷ୍ଠା ମୟୋ ଭୁବସ୍ତା ନ ଊର୍ଜେଦଧାତନ ।
ମହେରଣାୟ ଚକ୍ଷସେ ।

ଅର୍ଥ- ଆପୋ ଦେବତାଗଣ, ଆପଣମାନେ ଆମ୍ଭମାନଙ୍କ ସକଳ ସୁଖର ସ୍ରୋତ ହୁଅନ୍ତୁ । ସେହି ଉଦ୍ଦେଶ୍ୟରେ ଆମ୍ଭମାନଙ୍କୁ ଅନ୍ନରେ ସ୍ଥାପନ

କରନ୍ତୁ ଏବଂ ଆପଣମାନେ ଆମ୍ଭମାନଙ୍କୁ ମହାନ୍ ସର୍ବଗାମୀ ଜ୍ୟୋତିର୍ମୟ ବ୍ରହ୍ମଙ୍କୁ ପାଇବା ନିମନ୍ତେ ଊର୍ଦ୍ଧ୍ୱକୁ ନେଇଯାଆନ୍ତୁ ॥୧୯॥

୧୪.୨ ଯୋ ବଃ ଶିବତମୋ ରସସ୍ତସ୍ୟ ଭାଜୟତେହ ନଃ
ଉଶତୀରିବ ମାତରଃ ॥

ଅର୍ଥ- ମାତା ଯେପରି ସନ୍ତାନ ଉପରେ କଲ୍ୟାଣ ବାରି ବର୍ଷଣ କରେ, ଆପଣମାନେ ସେହିପରି ଅତ୍ୟନ୍ତ କଲ୍ୟାଣକର ରସ ବିତରଣ କରନ୍ତୁ ॥୨୦॥

୧୪.୩ ତସ୍ମା ଅରଂ ଗମାମ ବୋ ଯସ୍ୟ କ୍ଷୟାୟ ଜିନ୍ୱଥ ।
ଆପୋ ଜନୟଥା ଚ ନଃ ॥

ଅର୍ଥ- ହେ ଜଳର ଅଧିଷ୍ଠାତ୍ରୀ ଦେବତାଗଣ, ଆପଣମାନଙ୍କ ସେହି ରସରେ ଆମ୍ଭମାନଙ୍କୁ ଅଧିକାରୀ କରନ୍ତୁ, ଯେପରି ଆମ୍ଭେମାନେ ସେଥିରେ ତୃପ୍ତି ପାଇଁ-ଯେଉଁ ରସଦ୍ୱାରା ସମସ୍ତ ଜଗତରେ ଆପଣମାନେ ତୃପ୍ତି ଦାନ କରୁଛନ୍ତି ॥୨୧॥

୧୫. ସମସ୍ତେ

ଓଁ ଆପୋ ବା ଇଦଂ ସର୍ବଂ ବିଶ୍ୱା ଭୁତାନ୍ୟାପଃ
ପ୍ରାଣା ବା ଆପଂ । ପଶବ ଆପୋଽନ୍ନମାପୋଽମୃତମାପଃ
ସମ୍ରାଡାପୋ ବିରାଡାପଃ ସ୍ୱରାଡାପଶ୍ଛନ୍ଦାଂସ୍ୟାପୋ
ଜ୍ୟୋତୀଂଷ୍ୟାପୋ ଯଜୂଁଷ୍ୟାପଃ ସତ୍ୟମାପଃ
ସର୍ବା ଦେବତା ଆପୋ ଭୂର୍ଭୁବଃ ସୁବରାପ ଓଁ ॥

ଅର୍ଥ- ଏହି ସମସ୍ତ ଆପୋମୟ -ବିଶ୍ୱ ଆପୋମୟ ସମସ୍ତ ଭୂତ(ପ୍ରାଣୀ) ଆପୋମୟ, ପଶୁଗଣ, ଅନ୍ନ, ଅମୃତ, ସ୍ୱରାଟ, ବିରାଟ, ସମ୍ରାଟ, ଛନ୍ଦ ସମୂହ, ଜ୍ୟୋତି ସମୂହ, ଯର୍ଜୁସକଳ, ସତ୍ୟ, ସମସ୍ତ ଦେବତା ଭୂର୍ଭୂବ ସ୍ୱର୍ଗ ଏମାନେ ସମସ୍ତେ ଆପୋମୟ ଅଟନ୍ତି ॥୨୨॥

(ଏହି ମନ୍ତ୍ର ଦ୍ୱାରା ସମସ୍ତ ଜଳ ପବିତ୍ରୀକୃତ ହେଲା । ଏହିପରି ସମସ୍ତେ ଭାବିବେ ।)

୧୬.ଅ- (ହାତଯୋଡ଼ି ଅଧ୍ୱର୍ଯ୍ୟୁ କହିବେ)

୧୬.୧ ଓଁ ଇମଂ ମେ ବରୁଣ ଶ୍ରୁଧୀ ହବମଦ୍ୟାଚ ମୃଡ଼ୟ ।
ତ୍ୱାମବସ୍ୟୁରାଚକେ ॥

ଅର୍ଥ- ହେ ବରୁଣ ଦେବତା, ମୋର ଏହି ପ୍ରାର୍ଥନା ଶ୍ରବଣ କରନ୍ତୁ। ଆଜି ମୋତେ ସୁଖୀ କରନ୍ତୁ, ମୁଁ ଆପଣଙ୍କୁ ଉପାସନା କରୁଛି ॥୨୩॥

୧୬.୨ ତତ୍ତ୍ୱା ଯାମି ବ୍ରହ୍ମଣା ବନ୍ଦମାନ
ସ୍ତଦା ଶାସ୍ତେ ଯଜମାନୋ ହବିର୍ଭିଃ ।
ଅହେଡ଼ ମାନୋ ବରୁଣେହ ବୋ
ଧ୍ୟୁରୁଶଂସ ମା ନ ଆୟୁ ପ୍ରମୋଷୀଃ ॥

ଅର୍ଥ- ପୂଜକ ଘୃତାହୂତି ଦ୍ୱାରା ଯାହା କାମନା କରେ, ସ୍ତବଦ୍ୱାରା ବନ୍ଦନା କରି ମୁଁ ତାହା ଆପଣଙ୍କଠାରେ ପ୍ରାର୍ଥନା କରୁଛି। ହେ ବରୁଣ ଦେବ! କ୍ରୋଧ ନ କରି ଏହି ସ୍ଥାନରେ ଅବସ୍ଥାନ କରନ୍ତୁ। ହେ ବିଶ୍ୱ ବିଶ୍ରୁତ, ଅମର ଆୟୁର ପ୍ରଭାବ ହରଣ କରନ୍ତୁ ନାହିଁ ॥୨୪॥

୧୬.୩ ଯଚ୍ଚିଦ୍ଧିତେ ବିଶୋ ଯଥା ପ୍ରଦେବ ବରୁଣ ବ୍ରତମ୍ ।
ମିନୀମସି ଦ୍ୟବି ଦ୍ୟବି ॥

ଅର୍ଥ- ହେ ବରୁଣଦେବ, ଆପଣଙ୍କର ଯାହା କିଛି ବ୍ରତ ଓ ନିୟମ ଆଦି ଆମ୍ଭେମାନେ ଇତର ମନୁଷ୍ୟ ପରି ପ୍ରତିଦିନ ଭଙ୍ଗ କରୁଅଛୁ ॥୨୫॥

୧୬.୪ ଯତ୍ କିଞ୍ଚେଦଂ ବରୁଣ ଦୈବ୍ୟେ ଜନେ-
ଽଭିଦ୍ରୋହଂ ମନୁଷ୍ୟାଶ୍ଚରାମସି ।
ଅଚିତ୍ତି ଯତ୍ତବ ଧର୍ମା ଯୁୟୋପିମ
ମାନସ୍ତସ୍ମାଦେନସୋ ଦେବ ରୀରିଷଃ ॥

ଅର୍ଥ- ହେ ବରୁଣଦେବ, ଆମ୍ଭେମାନେ ମନୁଷ୍ୟ, ଦେବଲୋକ ପ୍ରତି ଆମ୍ଭେମାନେ ଅଜ୍ଞାନତା ବଶତଃ ଯାହା କିଛି ଅପରାଧ କରୁ

ଆପଣଙ୍କର ଯେଉଁ ନିୟମ ଭଙ୍ଗ କରୁ ହେ ଦେବ, ତତ୍ ଜନିତ ପାପ ହେତୁ ଆମ୍ଭମାନଙ୍କ ଉପରେ ରାଗ କରିବେ ନାହିଁ ॥୨୬॥

୧୬.୫ କ୍ରିତ୍ରବାସୋ ଯଦ୍ରିରିପୁର୍ନ ଦ୍ରୀବି
ଯଦ୍ୱାଽଘା ସ୍ରତ୍ୟମୁତ ଯନ୍ନ ବ୍ରିଦ୍ମ
ସର୍ବ୍ରା ତା ବିଷ୍ୟ ଶିଥିରେବ ଦ୍ରେବା
ଥା ତେ ସ୍ୟାମ ବରୁଣ ପ୍ରିୟାସଃ ॥

ଅର୍ଥ– ଦ୍ୟୁତ କ୍ରୀଡାରତ ମନୁଷ୍ୟମାନଙ୍କ ପରି ଆମ୍ଭେମାନେ (ଅନ୍ୟର) ନିନ୍ଦା କରିଅଛୁ ବା ଆମ୍ଭମାନଙ୍କ ମଧ୍ୟରେ ପାପ ପ୍ରଯୁକ୍ତ ବ୍ୟକ୍ତିମାନେ ଜ୍ଞାତ ବା ଅଜ୍ଞାତରେ ପାପାଚରଣ କରୁଅଛୁଁ। ହେ ଦେବ ! ସେ ସବୁ ଆପଣ ଦୂର କରନ୍ତୁ ଯେପରିକି ଆମ୍ଭେମାନେ ଆପଣଙ୍କର ପ୍ରିୟପାତ୍ର ହେବୁ ॥୨୭॥

(ଏ ଉତ୍ତାରୁ ପାତ୍ରରେ ଥିବା ପାଣିରେ ଫୁଲ ବୁଡାଇ ଅଧ୍ୱର୍ଯ୍ୟୁ ସେହି ଜଳ ସମସ୍ତଙ୍କର ମସ୍ତକରେ ସେଚନ କରିବେ। ସମସ୍ତେ ଭାବିବେ ଯେ ସେହି ପବିତ୍ର ଜଳରେ ସେମାନଙ୍କର ଚିତ୍ତର ମଳିନତା ଦୂର ହୋଇଯାଇଛି। ତାପରେ ସମସ୍ତେ ଏହି ମନ୍ତ୍ର ପାଠ କରିବେ।)

୧୭. ସମସ୍ତେ

୧୭.୧ ଓଁ ପ୍ରାଣାପାନ ବ୍ୟାନୋଦାନ ସମାନା ମେ ଶୁଧନ୍ତାଂ
ଜ୍ୟୋତିର୍ହଂ ବ୍ରିରଜା ବିପ୍ରାପ୍ମା ଭୂୟାସ୍ରଂ ସ୍ୱାହା ।

ଅର୍ଥ– ମୋର ପଞ୍ଚ ପ୍ରାଣ–ପ୍ରାଣ (ହୃଦୟ) ଅପାନ(ଅନ୍ଦେ) ବ୍ୟାନ (ସର୍ବ ଶରୀରେ) ଉଦାନ (କଣ୍ଠେ) ସମାନ (ନାଭିମୂଳେ)ମୋର ସମସ୍ତ ବାୟୁ ଶୁଦ୍ଧ ହେଉ। ମୁଁ ଜ୍ୟୋତିସ୍ୱରୂପ ଯେପରି ନିଷ୍କଳଙ୍କ ଓ ନିଷ୍ପାପ ହୁଏ ॥୨୮॥

୧୭.୨ ଓଁ ପୃଥିବ୍ୟପ୍ ତେଜୋ ବାୟାକାଶା ମେ ଶୁଧ୍ୟନ୍ତାଂ
ଜ୍ୟୋତିର୍ହଂ ବ୍ରିରଜା ବିପ୍ରାପ୍ମା ଭୂୟାସ୍ରଂସ୍ୱାହା ॥

ଅର୍ଥ- ମୋର (ଦେହ ସ୍ଥିତ)ପଞ୍ଚଭୂତ- କ୍ଷିତି, ଆପ, ତେଜ, ବାୟୁ ଓ ଆକାଶ ଶୁଦ୍ଧ ହେଉ। ମୁଁ ଜ୍ୟୋତିସ୍ୱରୂପ ଯେପରି ନିଷ୍କଳଙ୍କ ଓ ନିଷ୍ପାପ ହୁଏ ॥୨୯॥

୧୭.୩ ଓଁ ଶବ୍ଦ ସ୍ପର୍ଶ ରୂପରସ ଗନ୍ଧା ମେ ଶୁଧ୍ୟନ୍ତାଂ ଜ୍ୟୋତି ରହଂ ବ୍ରିରଜା ବିପ୍ରାପ୍ମା ଭୂୟାସଂ ସ୍ୱାହା ॥

ଅର୍ଥ- ମୋର ପଞ୍ଚଭୂତସ୍ଥ ପାଞ୍ଚ ଗୁଣ, ଯଥା- ଶବ୍ଦ (ଆକାଶର ଗୁଣ), ସ୍ପର୍ଶ (ବାୟୁର ଗୁଣ), ରୂପ (ତେଜର ଗୁଣ), ରସ (ଜଳର ଗୁଣ), ଗନ୍ଧ (କ୍ଷିତିର ଗୁଣ) ଶୁଦ୍ଧ ହେଉ । ମୁଁ ଜ୍ୟୋତିସ୍ୱରୂପ ଯେପରି ନିଷ୍କଳଙ୍କ ଓ ନିଷ୍ପାପ ହୁଏ ॥୩୦॥

୧୭.୪ ଓଁ ମନୋ ବାକ୍‌କାୟ କର୍ମାଣି ମେ ଶୁଧ୍ୟନ୍ତାଂ ଜ୍ୟୋତିର୍ରହଂ ବ୍ରିରଜା ବିପ୍ରାପ୍ମା ଭୂୟାସଂ ସ୍ୱାହା ॥

ଅର୍ଥ- ମୋର ମନ, ବାକ୍ୟ, ଦେହ ଓ କର୍ମ ଶୁଦ୍ଧ ହେଉ। ମୁଁ ଜ୍ୟୋତିସ୍ୱରୂପ ଯେପରି ନିଷ୍କଳଙ୍କ ଓ ନିଷ୍ପାପ ହୁଏ ॥୩୧॥

୧୭.୫ ଓଁ ଅନ୍ନମୟ ପ୍ରାଣମୟ ମନୋମୟ ବିଜ୍ଞାନମୟ ଆନନ୍ଦମୟା ମେ ଶୁଧ୍ୟନ୍ତାଂ ଜ୍ୟୋତିରହଂ ବ୍ରିରଜା ବିପ୍ରାପ୍ମା ଭୂୟାସଂ ସ୍ୱାହା ॥

ଅର୍ଥ- ମୋର ପାଞ୍ଚ (୫) ଶରୀର - ସ୍ଥୁଳ, ପ୍ରାଣ, ମାନସ, ବୁଦ୍ଧି ଏବଂ ଆନନ୍ଦମୟ (ଏହି ପଞ୍ଚ କୋଷ) ଶୁଦ୍ଧ ହେଉ । ମୁଁ ଜ୍ୟୋତିସ୍ୱରୂପ ଯେପରି ନିଷ୍କଳଙ୍କ ଓ ନିଷ୍ପାପ ହୁଏ ।

୧୭.୬ ଓଁ ଆତ୍ମା ମେ ଶୁଧ୍ୟନ୍ତାଂ

ଜ୍ୟୋତିରହଂବ୍ରିରଜା ବିପ୍ରାପ୍ମା ଭୂୟାସଂ ସ୍ୱାହା ॥

ଅର୍ଥ- ମୋର ଆତ୍ମା ଶୁଦ୍ଧ ହେଉ। ମୁଁ ଜ୍ୟୋତିସ୍ୱରୂପ ଯେପରି ନିଷ୍କଳଙ୍କ ଓ ନିଷ୍ପାପ ହୁଏ ॥୩୩॥

୧୭.୭ ଓଁ ଅନ୍ତରାତ୍ମା ମେ ଶୁଧ୍ୟନ୍ତାଂ ଜ୍ୟୋତିରହଂ ବ୍ରିରଜା ବିପ୍ରାପ୍ମା ଭୂୟାସଂ ସ୍ୱାହା ॥

ଅର୍ଥ- ମୋର ଅନ୍ତରାତ୍ମା ଶୁଦ୍ଧ ହେଉ।ମୁଁ ଜ୍ୟୋତିସ୍ୱରୂପ ଯେପରି ନିଷ୍କଲଙ୍କ ଓ ନିଷ୍ପାପ ହୁଏ ।।୩୪।।

୧୭.୮ ଓଁ ପରମାତ୍ମା ମେ ଶୁଧ୍ୟନ୍ତାଂ
ଜ୍ୟୋତିରହଂ ବିରଜା ବିପାପ୍‌ମା ଭୂୟାସଂ ସ୍ୱାହା ।

ଅର୍ଥ- ମୋର ପରମାତ୍ମା ଶୁଦ୍ଧ ହୁଅନ୍ତୁ। ମୁଁ ଜ୍ୟୋତି ସ୍ୱରୂପ ଯେପରି ନିଷ୍କଲଙ୍କ ଓ ନିଷ୍ପାପହୁଏ ।।୩୫।।

୧୭.୯ ସମସ୍ତେ-

ଓଁ ଭୂଃ । ଓଁ ଭୁବଃ । ଓଁ ସୁବଃ । ଓଁ ମହଃ । ଓଁ ଜନଃ । ଓଁ ତପଃ । ଓଁ ସତ୍ୟମ୍ ।

ଓଁ ତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ।
ଧିୟୋ ଯୋ ନଃ ପ୍ରଚୋଦୟାତ୍ ।
ଓଁ ଆପୋ ଜ୍ୟୋତି ରସୋଽମୃତଂ ବ୍ରହ୍ମ
ଭୂର୍ଭୁବସ୍ସୁବରୋମ୍ ।।

## ତେଜୋ ଦେବତାଃ

(ପ୍ରଧାନ ଦୀପରୁ ଗୋଟିଏ ଛୋଟଦୀପ ଜାଳି ଅର୍ଧ୍ୱର୍ଯ୍ୟୁ ଛିଡ଼ା ହୋଇ କହିବେ)

୧୮.ଅ

୧୮.୧ ଓଁ ଆସତ୍ୟେନ ରଜସା ବର୍ତ୍ତମାନୋ
ନିବେଶୟନ୍ନମୃତଂ ମର୍ତ୍ତ୍ୟଂ ଚ ।।
ହିରଣ୍ୟୟେନ ସବିତା ରଥେନାଽଽଦେବୋ
ଯାତି ଭୁବନା ବିପଶ୍ୟନ୍ ।।

ଅର୍ଥ- ସୂର୍ଯ୍ୟଦେବ ହିରଣ୍ମୟ ରଥରେ ପୃଥିବୀଗୁଡିକ ନିରୀକ୍ଷଣ କରି, ସତ୍ୟର ପଥରେ ସର୍ବଦା ଭ୍ରମଣ କରୁଅଛନ୍ତି ଏବଂ ମର ଓ ଅମର ଜୀବଜଗତକୁ ଧାରଣ ଓ ପାଳନ କରୁଛନ୍ତି। ।।୩୬।।

୧୮.୨ ଉଦ୍‌ବ୍ରୟଂ ତମସସ୍ପରି ପଶ୍ୟନ୍ତୋ ଜ୍ୟୋତିରୁତ୍ତରମ୍
ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍ ॥

ଅର୍ଥ- ତମସାର ଊର୍ଦ୍ଧ୍ୱରେ ଜ୍ୟୋତି ଦେଖି ଦେଖି ଆମ୍ଭେମାନେ ଦେବତାର ଉତ୍ତମ ଜ୍ୟୋତି ସୂର୍ଯ୍ୟଙ୍କୁ ଯେପରି ପ୍ରାପ୍ତ ହେବା ॥୩୭॥

୧୮.୩ ଉଦୁ ତ୍ୟଂ ଜାତବେଦସଂ ଦେବଂ ବହନ୍ତି କେତବଃ
ଦୃଶେ ବିଶ୍ୱାୟ ସୂର୍ଯ୍ୟମ୍ ॥

ଅର୍ଥ- ବିଶ୍ୱ ଯେପରି ସୂର୍ଯ୍ୟଦେବତାଙ୍କର ଦର୍ଶନ ଲାଭ କରନ୍ତି ରଶ୍ମିଗୁଡିକ (ସେହି) ସର୍ବଜ୍ଞ ଦେବତାଙ୍କୁ ସେହିପରି ଊର୍ଦ୍ଧ୍ୱରେ ବହନ କରିଅଛନ୍ତି ॥୩୮॥

୧୮.୪ ଚିତ୍ରଂ ଦେବାନାମୁଦଗାଦନୀକମ୍
ଚକ୍ଷୁର୍ମିତ୍ରସ୍ୟ ବରୁଣସ୍ୟାଗ୍ନେଃ ।
ଆପ୍ରା ଦ୍ୟାବା ପୃଥିବୀ ଅନ୍ତରୀକ୍ଷଂ
ସୂର୍ଯ୍ୟ ଆତ୍ମାଜଗତସ୍ତସ୍ଥୁଷଶ୍ଚ ॥

ଅର୍ଥ- ମିତ୍ର, ବରୁଣ ଓ ଅଗ୍ନି ପ୍ରଭୃତି ଦେବତାମାନଙ୍କର ଚକ୍ଷୁ ସ୍ୱରୂପ ବିଚିତ୍ର ଯେଉଁ ତେଜ ବାହାରୁଅଛି ଏବଂ ଯାହା ସ୍ୱର୍ଗ, ମର୍ତ୍ତ୍ୟ, ଅନ୍ତରୀକ୍ଷ ଓ ଚରାଚର ବିଶ୍ୱ ପରିବ୍ୟାପ୍ତ ହୋଇଅଛି, ତାହା (ସର୍ବଲୋକ ଓ ସର୍ବ ଭୂତଗଣଙ୍କର)ସୂର୍ଯ୍ୟ ଆତ୍ମାରୁ ଜନ୍ମଲାଭ କରିଛି ॥୩୯॥

(ଅଧ୍ୱର୍ଯ୍ୟୁ ବର୍ତ୍ତମାନ ଛୋଟ ଦୀପଟି ବେଦିସ୍ଥିତ ଦୀପ ସହିତ ମିଶାଇବେ ଏବଂ ସେହି ସମୟରେ ସମସ୍ତେ ନିମ୍ନଲିଖିତ ମନ୍ତ୍ର ଉଚ୍ଚାରଣ କରିବେ ।)

୧୯. ସମସ୍ତେ-

ଓଁ ଆହଂ ଜ୍ୱଲତି ଜ୍ୟୋତିରହମସ୍ମି । ଜ୍ୟୋତିର୍ଜ୍ୱଲତି ବ୍ରହ୍ମାହମସ୍ମି । ଯୋଽହମସ୍ମି ବ୍ରହ୍ମାହମସ୍ମି । ଅହମସ୍ମି ବ୍ରହ୍ମାହମସ୍ମି । ଅହମେବାହଂ ମାଂ ଜୁହୋମି ସ୍ୱାହା ॥

ଅର୍ଥ- ଆଦ୍ର ବସ୍ତୁରେ ଜାଜ୍ୱଲ୍ୟମାନ ଯେଉଁ ଜ୍ୟୋତି ମୁଁ ସେହି ସ୍ୱରୂପ। ଯେଉଁ ବ୍ରହ୍ମ ନିରନ୍ତର ପ୍ରଜ୍ୱଳିତ ମୁଁ ସେହି ବ୍ରହ୍ମ ସ୍ୱରୂପ। ମୁଁ ଯାହା କିଛି ହୁଏ ମୁଁ ସେହି ବ୍ରହ୍ମ। ମୁଁ ବ୍ରହ୍ମ ବୋଲି ମୁଁ ଅଛି। ମୁଁ କେବଳ ନିଜକୁ ସ୍ୱାହା ମନ୍ତ୍ରରେ ଆହୁତି ପ୍ରଦାନ କରୁଅଛି ।।୪୦।।

୨୦. ସମସ୍ତେ

ଓଁ ଭୂଃ। ଓଁ ଭୁବଃ। ଓଁ ସୁବଃ। ଓଁ ମହଃ। ଓଁ ଜନଃ। ଓଁ ତପଃ। ଓଁ ସତ୍ୟମ୍।

ଓଁ ତତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ।

ଧିୟୋ ଯୋହ ନଃ ପ୍ରଚାଦୟାତ୍ ।
ଓଁ ଆପୋ ଜ୍ୟୋତି ରସୋଽମୃତଂ ବ୍ରହ୍ମ ଭୂର୍ଭୁବସ୍ସୁବର୍ ଓଁ ।।

## ଧ୍ୟାନମ୍ (କର୍ପୂରାରତି)

ଅଧ୍ୱର୍ଯ୍ୟୁ ପ୍ରଥମେ କର୍ପୂରାରତି ଦେବେ। ସେ ପବିତ୍ର ପାତ୍ରରେ କର୍ପୂର ନେଇ ମନ୍ଦିର ଭିତରେ ଥିବା ଦୀପରେ ତାହା ପ୍ରଜ୍ୱଳିତ କରିବେ। ତା'ପରେ ସମସ୍ତେ ଛିଡ଼ା ହୋଇ ସମସ୍ୱରରେ ନିମ୍ନଲିଖିତ ମନ୍ତ୍ର ପାଠ କରିବେ।

୨୧. ସମସ୍ତେ-

୨୧.୧ ଓଁ ସହସ୍ର ଶୀର୍ଷା ପୁରୁଷଃ। ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋ ବୃତ୍ୱା। ଅତ୍ୟତିଷ୍ଠଦ୍ଦଶାଙ୍ଗୁଳମ୍ ।।

ଅର୍ଥ- ବିରାଟ ପୁରୁଷଙ୍କର ସହସ୍ର ଶିର, ସହସ୍ର ନୟନ, ସହସ୍ର ଚରଣ। ସେ ସମସ୍ତ ପୃଥିବୀକୁ ସବୁ ଦିଗରୁ ବେଷ୍ଟନ କରି ମଧ୍ୟ ଦଶାଙ୍ଗୁଳି ପରିମିତ ଅଧିକ ଅଛନ୍ତି। (ଅର୍ଥାତ୍ ବିଶ୍ୱକୁ ବ୍ୟାପି ତାହାର ବାହାରେ ମଧ୍ୟ ଅଛନ୍ତି) ।।୪୧।।

୨୧.୨ ପୁରୁଷ ଏବେଦଂ ସର୍ବମ୍। ଯଦ୍ଭୂତଂ ଯଚ୍ଚ ଭବ୍ୟମ୍ ।
ଉତାମୃତ ତ୍ୱସ୍ୟେଶାନଃ ଯଦନ୍ନେନାତିରୋହତି ।।

ଅର୍ଥ- ଯାହା କିଛି ଥିଲା ଯାହା କିଛି ହେବ ସେ ସମସ୍ତ ସେହି ପୁରୁଷ, ଅର୍ଥାତ୍ ଭୂତ ଭବିଷ୍ୟତ ବର୍ତ୍ତମାନ ଯାହା କିଛି ସବୁ ସେହି ପୁରୁଷ। ଆଉ ମଧ୍ୟ ସେ ଅମୃତ ଦାନର କର୍ତ୍ତା, ଯେହେତୁ ଅନ୍ନାଦି ଦ୍ୱାରା ଜୀବ ପୋଷଣ ପାଇଁ ପ୍ରକାଶିତ ହୁଅନ୍ତି, ଅର୍ଥାତ୍ ସେ ମର୍ତ୍ତ୍ୟ ଓ ଅମର୍ତ୍ତ୍ୟ ସମସ୍ତଙ୍କର ଅଧୀଶ୍ୱର ॥୪୨॥

୨୧.୩ ଏ॒ତାବା॑ନସ୍ୟ ମହି॒ମା। ଅତୋ॒ ଜ୍ୟାୟା॑ଂଶ୍ଚ॒ ପୂରୁ॑ଷଃ।
ପାଦୋ॑ଽସ୍ୟ॒ ବିଶ୍ୱା॑ ଭୂ॒ତାନି॑ ତ୍ରି॒ପାଦସ୍ୟା॒ମୃତ॑ଂ ଦି॒ବି ॥

ଅର୍ଥ- ତାଙ୍କର ମହିମା ବା ବିଭୂତି ଏତେ ବଡ କିନ୍ତୁ ସେ ସ୍ୱୟଂ (ପରମେଶ୍ୱର)ଏହା ଅପେକ୍ଷା ମଧ୍ୟ ବୃହତ। ସମସ୍ତ ସୃଷ୍ଟି ପଦାର୍ଥ ତାଙ୍କର ଏକ ପାଦ (ବା ଅଂଶ ମାତ୍ର) ତାଙ୍କର ତିନି ପାଦ (ଅର୍ଥାତ୍ ଅଧିକାଂଶ) ସ୍ୱର୍ଗରେ ଅମୃତ ସ୍ୱରୂପ ରହିଅଛି ॥୪୩॥

ସମସ୍ତେ

୨୨.୧ ଓଁ ତଦ୍ବିଷ୍ଣୋ॑ଃ ପର॒ମଂ ପ॒ଦଂ ସଦା ପଶ୍ୟନ୍ତି ସୂ॒ରୟ॑ଃ।
ଦି॒ବୀବ॒ ଚକ୍ଷୁ॒ରାତ॑ତମ୍ ॥

ଅର୍ଥ- ଜ୍ଞାନୀମାନେ ବିଷ୍ଣୁଙ୍କର ସେହି ପରମ ପଦ (ଧାମ) ସର୍ବଦା ଦର୍ଶନ କରୁଛନ୍ତି। ତାହା ସ୍ୱର୍ଗରେ (ଆକାଶରେ) ଚକ୍ଷୁପରି ବିସ୍ତୃତ ॥୪୪॥

୨୨.୨ ତଦ୍ବିପ୍ରା॑ସୋ ବିପ॒ନ୍ୟବୋ॑ ଜାଗୃ॒ବାଂସ॒ସ୍ସମି॑ନ୍ଧତେ।
ବିଷ୍ଣୋ॒ର୍ଯତ୍ପ॑ର॒ମଂ ପ॒ଦମ୍ ॥
ସେହି ଜ୍ଞାନୀମାନେ ସର୍ବଦା ବିଷ୍ଣୁଙ୍କର ପରମପଦରେ ଥାଇ ତାଙ୍କର ଗୁଣଗାନ କରୁଥା'ନ୍ତି। ॥୪୫॥

ସମସ୍ତେ-

୨୩. ଓଁ ନମ॑ସ୍ତେ ଅସ୍ତୁ ଭଗବନ୍ ବିଶ୍ୱେଶ୍ୱରାୟ ମହାଦେ॒ବାୟ
ତ୍ର୍ୟମ୍ବକା॑ୟ ତ୍ରିପୁରାନ୍ତ॒କାୟ॑ ତ୍ରିକାଗ୍ନି॒କାଲା॑ୟ

କାଳାଗ୍ନିରୁଦ୍ରାୟ ନୀଳକଣ୍ଠାୟ ମୃତ୍ୟୁଞ୍ଜୟାୟ ସର୍ବେଶ୍ୱରାୟ
ସଦାଶିବାୟ ଶ୍ରୀମନ୍ମହାଦେବାୟ ନମଃ ॥

ଅର୍ଥ- ହେ ଭଗବାନ ତୁମ୍ଭଙ୍କୁ ନମସ୍କାର। ତୁମେ ବିଶ୍ୱେଶ୍ୱର। ତୁମେ ମହାଦେବ, ତୁମେ ତ୍ର୍ୟମ୍ବକ (ତ୍ରିମୂର୍ତ୍ତି),ତୁମେ ତ୍ରିପୁରାନ୍ତକ (ତିନି ଦୁର୍ଗର ଧ୍ୱଂସକାରୀ) ତୁମେ କାଳାଗ୍ନିକାଳ (ସର୍ବସଂହାରକାରୀ ତ୍ରିକାଳ) ତୁମେ କାଳାଗ୍ନିରୁଦ୍ର (ଧ୍ୱଂସକାରୀ ରୁଦ୍ର), ତୁମେ ନୀଳକଣ୍ଠ, ତୁମେ ମୃତ୍ୟୁଞ୍ଜୟ, ତୁମେ ସର୍ବେଶ୍ୱର, ସଦାଶିବ (ସଦା ମଙ୍ଗଳମୟ ଓ ଆନନ୍ଦମୟ) ଶ୍ରୀମାନ୍ ମହାଦେବ ତୁମକୁ ପୁନଃପୁନଃ ନମସ୍କାର ॥୪୬॥

(ଉପରଲିଖିତ ତିନିଗୋଟି ମନ୍ତ୍ର (୨୧, ୨୨ ଓ ୨୩) ସମସ୍ତେ ସମସ୍ୱରରେ ଉଚ୍ଚାରଣ କରିବେ। ପ୍ରଥମ ମନ୍ତ୍ରରେ ଈଶ୍ୱରଙ୍କର ବ୍ୟାପକତ୍ୱ, ଦ୍ୱିତୀୟରେ ତାଙ୍କର ପରମ ଧାମ ଓ ଶ୍ରେଷ୍ଠ ଭାବ ଏବଂ ତୃତୀୟରେ ତାଙ୍କର ମହିମା ବା ବିଭୂତି ଧ୍ୟାନ କରିବେ।)

(ମନ୍ତ୍ର ପାଠ ପରେ ଅଧ୍ୱର୍ଯ୍ୟୁ ପ୍ରଜ୍ୱଳିତ କର୍ପୂର ନେଇ ପୂଜକମାନଙ୍କ ନିକଟକୁ ଯିବେ। ପୂଜକମାନେ ଭକ୍ତିଭରେ ଦୀପ ଶିଖା ସ୍ପର୍ଶ କରିବେ ଏବଂ ଭାବନା କରିବେ ଯେ ଏହି ଦୀପ ଶିଖା ମଧ୍ୟ ଦେଇ ତାଙ୍କର ଐଶ୍ୱରିକ ଶକ୍ତି ପ୍ରାପ୍ତ ହେଲା। ଏ ଶକ୍ତି ଅନ୍ୟମାନଙ୍କ ମଧ୍ୟରେ ସଞ୍ଚାରିତ କରିବା ନିମନ୍ତେ ସେ ଯତ୍ନବାନ୍ ହେବେ।)

## ଧ୍ୟାନମ୍ ପୁଷ୍ପାଞ୍ଜଳିଃ

ଅଧ୍ୱର୍ଯ୍ୟୁ ସମସ୍ତଙ୍କ ନିକଟରେ ପୁଷ୍ପ ପାତ୍ର ଧରି ଯିବେ। ସମସ୍ତେ ଗୋଟିଏ ଗୋଟିଏ ଫୁଲ ନେଇ ଠିଆ ହେବେ ଏବଂ ନିମ୍ନଲିଖିତ ମନ୍ତ୍ର ଉଚ୍ଚାରଣ କରିବେ।

୨୪. ସମସ୍ତେ-

୨୪.୧ ଓଁ ସ୍ରହ୍ସ୍ରଶୀର୍ଷେ ଦେ୍ବ୍ଂ ବ୍ିଶ୍ୱାକ୍ଷଂ ବ୍ିଶ୍ୱଶମ୍ଭୁବମ୍ ।
ବିଶ୍ୱଂ ନ୍ାରାୟଣଂ ଦେ୍ବ୍ମକ୍ଷରଂ ପର୍ମଂ ପଦ୍ମ୍ ॥

ଅର୍ଥ- ସହସ୍ରଶୀର୍ଷ ଦେବ, ସର୍ବଦର୍ଶୀ ସର୍ବ ମଙ୍ଗଳ ଦାତା, ଯେ ସର୍ବ ଅବିନଶ୍ୱର ଓ ପରମ ଧାମ, ସେହି ନାରାୟଣଙ୍କୁ ଧ୍ୟାନ କରୁଅଛି ॥୪୭॥

୨୪.୨ ବ୍ିଶ୍ୱତ୍ଃ ପରମଂ ନ୍ିତ୍ୟଂ ବ୍ିଶ୍ୱଂ ନାରାୟ୍ଣଂ ହରିମ୍
ବିଶ୍ୱମେ୍ବେଦଂ ପୁ୍ରୁଷସ୍ତଦ୍ୱିଶ୍ୱ୍ମୁପଜୀବତି ॥

ଅର୍ଥ- ଯେ ବିଶ୍ୱଠାରୁ ଉଚ୍ଚ ବା ଶ୍ରେଷ୍ଠ, ଯେ ନିତ୍ୟ, ଯେ ସବୁ କିଛି, ସେହି ନାରାୟଣ ହରିଙ୍କୁ ଚିନ୍ତା କରୁଅଛି । ସେହି ପରମ ପୁରୁଷ ଏହି ସମସ୍ତ ବିଶ୍ୱ ଏବଂ ବିଶ୍ୱ ତାଙ୍କଦ୍ୱାରା ଜୀବିତ ବା ଅବସ୍ଥିତ ରହିଅଛି ॥୪୮॥

୨୪.୩ ପତିଂ ବିଶ୍ୱସ୍ୟାତ୍ମେଶ୍ୱରଂ ଶାଶ୍ୱତଂ ଶିବମଚ୍ୟୁତମ୍
ନାରାୟ୍ଣଂ ମହାଜ୍ଞେୟଂ ବ୍ିଶ୍ୱାତ୍ମାନଂ ପରାୟଣମ୍ ।

ଅର୍ଥ- ସେ ବିଶ୍ୱର ପତି ଆତ୍ମାର (ନିହିତ) ଈଶ୍ୱର ଯେ ଶାଶ୍ୱତ (ନିତ୍ୟ), ଶିବ (ମଙ୍ଗଳମୟ), ଅଚ୍ୟୁତ (କ୍ଷୟରହିତ), ପରମ ଜ୍ଞେୟ ବସ୍ତୁ, ବିଶ୍ୱର ଆତ୍ମା ଓ ପରମ ଗତି ଅଟନ୍ତି । ଆମ୍ଭେମାନେ ତାଙ୍କୁ ଧ୍ୟାନ କରୁଅଛୁ ॥୪୯॥

୨୪.୪ ନ୍ାରାୟ୍ଣଃ ପରଂବ୍ରହ୍ମ ତ୍ତ୍ୱଂ ନାରାୟଣ । ପରଃ ।
ନ୍ାରାୟ୍ଣଃ ପରୋଜ୍ୟୋତି୍ରାତ୍ମା ନାରାୟ୍ଣଃ ପରଃ ।

ଅର୍ଥ- ନାରାୟଣ ହେଉଛନ୍ତି ପରଂବ୍ରହ୍ମ, ପରମତତ୍ତ୍ୱ, ପରମଜ୍ୟୋତି ଓ ପରମଆତ୍ମା ॥୫୦॥

୨୪.୫ ନ୍ାରାୟ୍ଣଃ ପରୋଧ୍ୟାତ୍ା ଧ୍ୟାନଂ ନାରାୟ୍ଣଃ ପରଃ ॥

ଅର୍ଥ- ନାରାୟଣ ହେଉଛନ୍ତି ପରଧ୍ୟାତା ଓ ପରଧ୍ୟାନ ॥୫୧॥

୨୪.୬ ଯଚ୍ଚକିଞ୍ଚିଜ୍ଜଗତ୍ ସ୍ର୍ବଂ ଦୃଶ୍ୟତେ ଶ୍ରୂୟତେଽପିବା।
ଅର୍ନ୍ତବ୍ରହିଶ୍ଚ ତତ୍ ସ୍ର୍ବଂ ବ୍ୟାପ୍ୟ ନାରାୟଣଃ ସ୍ଥିତଃ ॥

ଅର୍ଥ- ଏହି ସମଗ୍ର ଜଗତରେ ଯାହା କିଛି ଦେଖାଯାଏ ବା ଶୁଣାଯାଏ ତାହା ଆନ୍ତରୀଣ ହେଉ ବା ବାହ୍ୟ ହେଉ ସେହି ସମସ୍ତଙ୍କ ମଧ୍ୟରେ ନାରାୟଣ ବ୍ୟାପ୍ତ ହୋଇ ରହିଅଛନ୍ତି ॥୫୨॥

୨୪.୭ ଅନନ୍ତମବ୍ୟୟଂ କବିଂ ସମୁଦ୍ରେଽନ୍ତଂ ବିଶ୍ୱଶମ୍ଭୁବମ୍ ।
ସବ୍ରହ୍ମା, ସ ଶିବଃ ସ ହରିଃ ସେନ୍ଦ୍ରଃ
ସୋଽକ୍ଷରଃ ପରମଃ ସ୍ୱରାଟ୍ ॥

ଅର୍ଥ- ଅନନ୍ତ, ଅବ୍ୟୟ କବି (କ୍ରାନ୍ତିଦର୍ଶୀ) ସମୁଦ୍ର ଭିତରେ ଅବସ୍ଥିତ। ସେ ହେଉଛନ୍ତି ବ୍ରହ୍ମା, ଶିବ, ହରି, ଇନ୍ଦ୍ର ଏବ ସୁପ୍ରକାଶଅକ୍ଷୟ ନିତ୍ୟ ପୁରୁଷ ॥୫୩

୨୪.୮ ଓଁ ତଦ୍ ବ୍ରହ୍ମ, ଓଁ ତଦ୍‌ବାୟୁଃ ଓଁ ତଦ୍ରାତ୍ମା, ଓଁ ତତ୍ ସତ୍ୟମ୍, ଓଁ ତତ୍ ସର୍ବମ୍, ଓଁ ତତ୍‌ପୁରରୋର୍ନମଃ ॥ ଅନ୍ତଶ୍ଚରତି ଭୂତେଷୁ ଗୁହାୟାଂ ବିଶ୍ୱମୂର୍ତ୍ତିଷୁ। ତ୍ୱଂ ଯଜ୍ଞସ୍ତ୍ୱଂ ବଷଟ୍‌କାର ସ୍ତ୍ୱମିନ୍ଦ୍ରସ୍ତ୍ୱଂ ରୁଦ୍ରସ୍ତ୍ୱଂ ବିଷ୍ଣୁସ୍ତ୍ୱଂ ବ୍ରହ୍ମା ତ୍ୱଂ ପ୍ରଜାପତିଃ । ତ୍ୱଂ ତଦାପ ଆପୋ ଜ୍ୟୋତୀରସୋଽମୃତଂ ବ୍ରହ୍ମ ଭୂର୍ଭୁବସ୍‌ସୁବରୋମ୍ ॥

ଅର୍ଥ- ଓଁ ସେହି ବ୍ରହ୍ମ ଓଁ ସେହି ବାୟୁ, ଓଁ ସେହି ଆତ୍ମା, ଓଁ ସେହି ସତ୍ୟ, ଓଁ ସେହି ସବୁ ଓଁ ସେହି ପୁରୁଷଙ୍କୁ (ପୂର୍ଣ୍ଣଙ୍କୁ) ନମସ୍କାର। ସେ ସମସ୍ତ ଜୀବର ଅନ୍ତରସ୍ଥିତ ତୁମେ ଯଜ୍ଞ, ତୁମେ ବଷଟ୍‌କାର (ଆହୂତି ମନ୍ତ୍ର), ତୁମେ ଇନ୍ଦ୍ର, ତୁମେ ରୁଦ୍ର, ତୁମେ ବିଷ୍ଣୁ, ତୁମେ ବ୍ରହ୍ମା, ତୁମେ ପ୍ରଜାପତି, ତୁମେ ସେହି ଦାତା, ଜ୍ୟୋତି, ରସ, ଅମୃତ (ସମସ୍ତ କିଛି) ବ୍ରହ୍ମ, ଭୂଲୋକ, ଭୂବଲୋକ, ସ୍ୱର୍ଲୋକ, (ବ୍ରହ୍ମ)ଓଁ ॥୫୪॥

ସମସ୍ତେ-

୨୪.୯ ଓଁ ଋତଂ ସତ୍ୟଂ ପରଂ ବ୍ରହ୍ମ ପୁରୁଷଂ କୃଷ୍ଣ ପିଙ୍ଗଳମ୍
ଊର୍ଦ୍ଧ୍ୱରେତଂ ବିରୂପାକ୍ଷଂ ବିଶ୍ୱରୂପାୟ ବୈ ନମଃ ॥

ଅର୍ଥ- ସେ ଆପେକ୍ଷିକ ସତ୍ୟ, ସେ ପରମାର୍ଥିକ ସତ୍ୟ ସେ ପରଂବ୍ରହ୍ମ, ସେ କୃଷ୍ଣ ଓ ପିଙ୍ଗଳ ପୁରୁଷ। ସେ ଉର୍ଦ୍ଧ୍ୱରେତା (ପରମ ସୃଜନ ଶକ୍ତିଶାଳୀ) ସେ ବିରୁପାକ୍ଷ, ତାହାଙ୍କୁ କୋଟି କୋଟି ନମସ୍କାର ॥୨୨॥

(ବିଭିନ୍ନ ମୂର୍ତ୍ତିରେ ପ୍ରକଟିତ ନାରାୟଣଙ୍କୁ ଚିନ୍ତା କରି, ସମସ୍ତେ ପୂର୍ବୋକ୍ତ ମନ୍ତ୍ରଗୁଡ଼ିକ ପାଠ କରିବେ। ଉପାସକ ପ୍ରତ୍ୟେକ ବେଦୀରେ ପୁଷ୍ପାଞ୍ଜଳି ପ୍ରଦାନ କରିବେ ଓ ପ୍ରଣାମ କରି ନିଜ ନିଜ ସ୍ଥାନରେ ଛିଡ଼ା ହେଲେ ଅଧ୍ୱର୍ଯ୍ୟୁ ପୁଣି ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ପ୍ରସାଦ ଫୁଲ ଦେବେ। ଏହା ସେମାନେ ଭଗବାନଙ୍କର ଆଶୀର୍ବାଦ ଜ୍ଞାନ କରି ପ୍ରଣାମ ପୂର୍ବକ ଗ୍ରହଣ କରି ନିଜ ନିଜ ଆସନରେ ବସିବେ।)

## ନୈବେଦ୍ୟମ୍

ଅଧ୍ୱର୍ଯ୍ୟୁ ବସି ଅଭିମନ୍ତ୍ରିତ ଜଳ ନିଜହାତ ଦ୍ୱାରା ଆଚ୍ଛାଦନ କରି ସାରିଲେ ନିମ୍ନଲିଖିତ ମନ୍ତ୍ର ସମସ୍ତେ ପାଠ କରିବେ।

ସମସ୍ତେ-

୨୫. ଓଁ ଭୂର୍ଭୁବଃସ୍ୱଃ। ଓଁ ତତ୍‌ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି।
ଧିୟୋ ଯୋ ନଃ ପ୍ରଚୋଦୟାତ୍ ॥
ଦେବ ସବିତଃ ପ୍ରସୁବ। ସତ୍ୟଂ ତ୍ୱର୍ତେନ ପରିଷିଞ୍ଚାମି।
ଓଁ ପ୍ରାଣାୟ ସ୍ୱାହା। ଓଁ ଅପାନାୟ ସ୍ୱାହା। ଓଁ ବ୍ୟାନାୟ ସ୍ୱାହା।
ଓଁ ଉଦାନାୟ ସ୍ୱାହା। ଓଁ ସମାନାୟ ସ୍ୱାହା। ଓଁ ବ୍ରହ୍ମଣେ ସ୍ୱାହା।
ଓଁ ବ୍ରହ୍ମଣି ମ ଆତ୍ମାଽମୃତତ୍ୱାୟ ॥

ଅର୍ଥ- ଓଁ ଭୂଲୋକ, ଭୂବଲୋକ, ସ୍ୱର୍ଲୋକ, ଆମ୍ଭେମାନେ ସେହି ସୂର୍ଯ୍ୟରୂପ ଈଶ୍ୱରଙ୍କର ଶ୍ରେଷ୍ଠ ତେଜ ଧ୍ୟାନ କରୁଅଛୁ। ସେ ଆମ୍ଭମାନଙ୍କ ବୁଦ୍ଧିକୁ ପରିଚାଳିତ କରନ୍ତୁ। ହେ ଦେବ, ହେ ସୂର୍ଯ୍ୟ ପ୍ରସବ କର (ସତ୍ୟପ୍ରକାଶ କର) ମୁଁ ଯେପରି ସେହି ପରମ

ସତ୍ୟ ଓ ପ୍ରକାଶିତ ସତ୍ୟ ତୁମ ଚାରିଆଡରେ ସିଞ୍ଚନ କରିପାରିବି । ମୁଁ ପ୍ରାଣରେ ଆହୁତି ଦେଲି । ଓଁ ଆପାନରେ ଆହୁତି ଦେଲି, ଓଁ ବ୍ୟାନରେ ଆହୁତି ଦେଲି, ଓଁ ଉଦାନରେ ଆହୁତି ଦେଲି, ଓଁ ସମାନରେ ଆହୁତି ଦେଲି, ଓଁ ବ୍ରହ୍ମରେ ଆହୁତି ଦେଲି, ଓଁ ଅମୃତ ଲାଭ ପାଇଁ ମୋର ଆତ୍ମାକୁ ବ୍ରହ୍ମରେ ଆହୁତି ଦେଲି ॥୫୬॥

(ଅଧ୍ୱର୍ଯ୍ୟୁ ଅଭିମନ୍ତ୍ରିତ ଜଳକୁ ସମସ୍ତଙ୍କୁ ବଣ୍ଟନ କରିବେ ଏବଂ ପ୍ରତ୍ୟେକ ତାହା ପାନ କରିବେ ।)

## ଦିଗ୍ ବିମୋକ୍ଷ

(ଅଧ୍ୱର୍ଯ୍ୟୁ ପୂର୍ବେ ଚିନ୍ତା ଦ୍ୱାରା ଯେଉଁ ପ୍ରାଚୀର ନିର୍ମାଣ କରି ସବୁ ଦିଗ ବନ୍ଧନ କରିଥିଲେ ତାହା ନିମ୍ନଲିଖିତ ମନ୍ତ୍ର ଦ୍ୱାରା ଭଗ୍ନ କରିବେ ।)

୨୬. ଅ– ଭୂ ର୍ଭୁବସ୍ସୁବର୍ ଓଁ (ଇତି ଦିଗ୍ ବିମୋକ୍ଷ)

ଅର୍ଥ – ଭୂଲୋକ, ଭୁବଲୋକ, ସ୍ୱର୍ଲୋକ, ସେହି ତ୍ରିମୂର୍ତ୍ତି ।

## ଆଶୀର୍ବାଦଃ

ସମସ୍ତେ ଛିଡ଼ା ହେବେ । ଅଧ୍ୱର୍ଯ୍ୟୁ ସମସ୍ତଙ୍କ ଆଡ଼କୁ ଚାହିଁ ଦୁଇ ହାତ ଉପରକୁ ଟେକି ଉପାସକମାନଙ୍କର ଉପରକୁ ଏହି ମନ୍ତ୍ର ଦ୍ୱାରା ଈଶ୍ୱରଙ୍କର ଆଶୀର୍ବାଦ ବର୍ଷଣ କରିବେ ।

୨୭.ଅ ଓଁ ଋଧ୍ୟାସ୍ମ ହବ୍ୟୈର୍ନମସୋପସଦ୍ୟ
ମିତ୍ରଂ ଦେବଂ ମିତ୍ରଧେୟଂ ନୋ ଅସ୍ତୁ ।
ଅନୂରାଧାନ୍ ହବିଷା ବର୍ଦ୍ଧୟନ୍ତଃ
ଶତଂ ଜୀବେମ ଶରଦଃ ସବୀରାଃ ॥

ଅର୍ଥ– ହୋମ ଓ ନମସ୍କାର ଦ୍ୱାରା ସୂର୍ଯ୍ୟ ଦେବଙ୍କ ନିକଟସ୍ଥ ହୋଇ ଆମେ ଯେପରି ସମୃଦ୍ଧି ଲାଭ କରିପାରୁ । ସୂର୍ଯ୍ୟ ଦେବ

ଆମ୍ଭମାନଙ୍କୁ ଆଶ୍ରୟ ଦିଅନ୍ତୁ । ହୋମ ଦ୍ୱାରା ସେହି ଦାନ ବିଶେଷ ବୃଦ୍ଧି କର, ଆମେ ଯେପରି ବୀର ସନ୍ତାନ ସନ୍ତତିଙ୍କ ସହ ଶହେ ବର୍ଷ ଜୀବିତ ରହୁ ॥୫୭॥

ସମସ୍ତେ–

୨୮. ଓଁ ତଚ୍ଛଂ ଯୋରାବୃଣୀମହେ ।
ଗାତୁଂ ଯଜ୍ଞାୟ । ଗାତୁଂ ଯଜ୍ଞପତୟେ ।
ଦୈବୀ ସ୍ୱସ୍ତିରସ୍ତୁ ନଃ ॥
ସ୍ୱସ୍ତିର୍ମାନୁଷେଭ୍ୟଃ । ଊର୍ଦ୍ଧ୍ୱଂ ଜିଗାତୁ ଭେଷଜଂ ।
ଶଂ ନୋ ଅସ୍ତୁ ଦ୍ୱିପଦେ, ଶଂ ଚତୁଷ୍ପଦେ

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଓଁ ଆମ୍ଭମାନଙ୍କର ଶାରିରୀକ ଓ ମାନସିକ ସୁଖମୟ ହେଉ । ଆମ୍ଭେମାନେ ଯଜ୍ଞ ଦ୍ୱାରା ଓ ଯଜ୍ଞପତିଙ୍କ ସାହାଯ୍ୟ ଦ୍ୱାରା ଆମ୍ଭମାନଙ୍କର ଭଗବତ ପ୍ରାପ୍ତି ହେଉ । ସମସ୍ତଙ୍କର ଭଗବତ ପ୍ରାପ୍ତ ହେବା ସହିତ ଊର୍ଦ୍ଧ୍ୱମୁଖି ହେଉ । ସମସ୍ତ ଛୋଟ ଛୋଟ ପିଲାମାନଙ୍କର ମଙ୍ଗଳ ହେଉ । ସମସ୍ତ ପଶୁ ଜାତିର ମଧ୍ୟ ମଙ୍ଗଳ ହେଉ ॥୫୮॥
ସମସ୍ତେ –

୨୯. ଓଁ ସର୍ବେ ଭ୍ରୈ ସୁଖିନଃ ସନ୍ତୁ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ନ କଶ୍ଚିଦ୍ ଦୁଃଖ ଭାଗ୍ ଭବେତ୍ ॥

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ସମସ୍ତେ ସୁଖୀ ହୁଅନ୍ତୁ । ସମସ୍ତେ ନିରାମୟ ହୁଅନ୍ତୁ । ସମସ୍ତେ ଭଗବାନଙ୍କୁ ଦର୍ଶନ କରନ୍ତୁ । ସମସ୍ତେ ଦୁଃଖ ଓ କଷ୍ଟରୁ ମୁକ୍ତ ରୁହନ୍ତୁ ॥୫୯॥

୩୦. ଓଁ ତତ୍ ସଦ୍ ବ୍ରହ୍ମାର୍ପଣସ୍ତୁ

ଏହି ସମସ୍ତ ସେହି ପରମ ସତ୍ୟ ବ୍ରହ୍ମରେ ଅର୍ପିତ ହେଉ। ।୬୦॥

❖ ❖ ❖

# ବ୍ରହ୍ମବିଦ୍ୟା ସମିତିର
# ସାର୍ବଜନୀନ ପ୍ରାର୍ଥନା

ଓଁ

ହେ ପ୍ରଚ୍ଛନ୍ନ ପ୍ରାଣଶକ୍ତି ! ତୁମେ ପ୍ରତ୍ୟେକ ଅଣୁରେ ତରଙ୍ଗାୟିତ ।

ହେ ପ୍ରଚ୍ଛନ୍ନ ଜ୍ୟୋତି ! ତୁମେ ପ୍ରତ୍ୟେକ ଜୀବ ମଧ୍ୟରେ ସନ୍ଦୀପିତ ।

ହେ ପ୍ରଚ୍ଛନ୍ନ ପ୍ରେମ ! ସର୍ବେ ଏକୀଭୂତ ସ୍ନେହ ପାଶେ ତବ ।


ତେଣୁ ଯେ କେହି ତୁମ ସହିତ ନିଜକୁ ଏକ ବୋଲି ଅନୁଭବ କରନ୍ତି,

ସେ ଅନ୍ୟ ପ୍ରତ୍ୟେକଙ୍କ ସହିତ ମଧ୍ୟ ନିଜକୁ ଏକ ବୋଲି ଜ୍ଞାନ କରନ୍ତୁ ।

ଓଁ

THERE IS NO RELIGION HIGHER THAN TRUTH

# ଭାରତ ସମାଜ ପୂଜା



## ପୁରୀ ବ୍ରହ୍ମବିଦ୍ୟା ଶାଖା

ପୁରୀ